

Odia Daily

www.theutkalsamachar.com

ଉତ୍କଳ ସମାଗମ

ସର୍ବାଧୁନିକ ଚେତନାର ମୁଖ୍ୟପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:206+23 November 2026 (Monday)+Rourkela +Rs.2.00 +Page -1 +୨୨ ବର୍ଷ +ସଂଖ୍ୟା:୨୦୬+୨୩ ନଭେମ୍ବର ୨୦୨୬ (ସୋମବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ଓଡ଼ିଶା ଉପକୂଳରେ ଲାଗିବ ଅତ୍ୟାଧୁନିକ କ୍ୟାମେରା



ଆଗୁଆ ମିଳିବ ବାତ୍ୟା ସତର୍କ ସୂଚନା

ଭୁବନେଶ୍ୱର,୨୨/୧୧(ନି/ପ୍ର): ଓଡ଼ିଶାରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ହେବ ଆହୁରି ସୁଦୃଢ଼ । ସମୁଦ୍ର ଉପକୂଳରେ ସ୍ଥାପନ ହେବ ଅତ୍ୟାଧୁନିକ ଭିଡିଓ କ୍ୟାମେରା ଆଧାରିତ ସ୍ୱୟଂଚାଳିତ ବେଲାଭୂମି ନିରୀକ୍ଷଣ ବ୍ୟବସ୍ଥା । ଏହାଦ୍ୱାରା ସାମୁଦ୍ରିକ ପାଣିପାଗ ସମ୍ବନ୍ଧିତ ସଠିକ୍ ତଥ୍ୟ ମିଳିବା ସହ ବାତ୍ୟା ଓ ଅନ୍ୟ ସାମୁଦ୍ରିକ ବିପର୍ଯ୍ୟୟର ପୂର୍ବାନୁମାନ ଏବଂ ଆଗୁଆ ସତର୍କ ସୂଚନା ମିଳିପାରିବ। ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସକ୍ଷମ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଏହା ସହିତ ଜାତୀୟ ମହାସାଗର ସୂଚନା କେନ୍ଦ୍ର ବା ଇନ୍‌କୋଇସ୍ (ଓଘଇଡଓଝ)ର ଏକ ଆଞ୍ଚଳିକ କେନ୍ଦ୍ର ମଧ୍ୟ ଓଡ଼ିଶାରେ ପ୍ରତିଷ୍ଠା କରାଯିବ । ଏହି ନୂତନ ବ୍ୟବସ୍ଥା ଉପକୂଳ ଅଞ୍ଚଳରେ ସମୁଦ୍ରର ସ୍ଫିତି ଓ ପାଣିପାଗ ସମ୍ପର୍କିତ ତଥ୍ୟ ଯୋଗାଇବ । ସାମୁଦ୍ରିକ ବିପର୍ଯ୍ୟୟର ପୂର୍ବାନୁମାନ ସହ ଆଗୁଆ ସଙ୍କେତ ଦେବାରେ ଏହା ସହାୟକ ହେବ । ଏଥିସହ ସାମୁଦ୍ରିକ ଗବେଷଣା କ୍ଷେତ୍ରରେ ମଧ୍ୟ ଏହି ବ୍ୟବସ୍ଥା ନୂଆ ସୁଯୋଗ ସୃଷ୍ଟି କରିବ । ଏହି ପ୍ରକଳ୍ପର ଜାର୍ଯ୍ୟାନ୍ୱୟନ ପାଇଁ ଖୁବ୍‌ଶୀଘ୍ର ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ ଅଧୀନସ୍থ ଇନ୍‌କୋଇସ୍ ଏବଂ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମଧ୍ୟରେ ବୁଝାମଣା ସ୍ୱାକ୍ଷର ହେବ । ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ଉପକୂଳ ସୁରକ୍ଷା ଓ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତିକୁ ଆହୁରି ମଜବୁତ କରିବା ଆଶା ଜଣାଯାଇଛି ।

ବିଜେପିରେ ମିଶିଲେ ଚହଲ



ନୂଆଦିଲ୍ଲୀ,୨୨/୧୧: ଭାରତୀୟ କ୍ରିକେଟ୍ ବଳର ଷ୍ଟାର ସ୍ପିନର ଯୁଜବେନ୍ଦ୍ର ଚହଲ ତାଙ୍କର ରାଜନୈତିକ ଇନିଂସ ଆରମ୍ଭ କରିଛନ୍ତି। ସେ ଶନିବାର ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି। ବଳ ତାଙ୍କୁ ଜାତୀୟ ଓବିସି ମୋର୍ଚ୍ଚାର କାର୍ଯ୍ୟକାରିଣୀ କମିଟିରେ ନିଯୁକ୍ତ କରିଛି। ବିଜେପି ପକ୍ଷରୁ ଓବିସି ମୋର୍ଚ୍ଚାର ନୂତନ ରାଷ୍ଟ୍ରୀୟ ପଦାଧିକାରୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟଙ୍କ ତାଲିକା ପ୍ରକାଶ ପାଇବା ପରେ ଚହଲଙ୍କ ରାଜନୈତିକ ଇନିଂସ ଆରମ୍ଭ ହୋଇଛି। ପୂର୍ବରୁ ଯୁଜବେନ୍ଦ୍ର ଚହଲ ଓବିସି ମୋର୍ଚ୍ଚା ସଭାପତି ଅମରପାଲ ମୌର୍ଯ୍ୟଙ୍କ ସହିତ ସାକ୍ଷାତ କରିଥିଲେ। ଯୁଜବେନ୍ଦ୍ର ଚହଲଙ୍କ ବ୍ୟତୀତ, ବିଜେପି ଅନ୍ୟାନ୍ୟ ପଛୁଆ ବର୍ଗ ମୋର୍ଚ୍ଚାର ଜାତୀୟ ପଦାଧିକାରୀମାନଙ୍କୁ ମଧ୍ୟ ନିଯୁକ୍ତ କରିଛି। ଆସାମରୁ ଯୋଗେନ ମୋହନ, ଓଡ଼ିଶାରୁ ମମତା ମହାନ୍ତ, ଉତ୍ତର ପ୍ରଦେଶରୁ ସଙ୍ଗମ ଲାଲ ଗୁପ୍ତା, ମହାରାଷ୍ଟ୍ରରୁ ଭବନରାଓ ରାଓଜୀ ଚୌହୁରୀ, ଦିଲ୍ଲୀରୁ ସତପ୍ରକାଶ ରାଣା, ବିହାରରୁ ଅର୍ଜୁନ ସାହାନୀ ଏବଂ ଉତ୍ତର ପ୍ରଦେଶରୁ ସଙ୍ଗୀତା ବଲୱନ୍ତ ବିନ୍ଦଙ୍କୁ ମୋର୍ଚ୍ଚାର ଜାତୀୟ ସ୍ତରୀୟ ଭାବରେ ନିଯୁକ୍ତ କରାଯାଇଛି। ବିଜୁଳୁ ଗଜେନ୍ଦ୍ର ଯାଦବ, କର୍ଣ୍ଣାଟକରୁ ପ୍ରମୋଦ ମାଧବରାଜ ଏବଂ ଛତିଶଗଡ଼ରୁ ଲଳିତ ଚତ୍ରାଭରଙ୍କୁ ବିଜେପି ଓବିସି ମୋର୍ଚ୍ଚାର ଜାତୀୟ ସାଧାରଣ ସମ୍ପାଦକ ଭାବରେ ନିଯୁକ୍ତ କରାଯାଯାଇଛି। ବିଜେପି ବିଜୁନ୍ ରାଜ୍ୟରୁ ସାତ ଜଣ ନୂତନ ଜାତୀୟ ସମ୍ପାଦକ ଏବଂ ୩୭ ଜଣ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ମଧ୍ୟ ନିଯୁକ୍ତ କରିଛି।

ବଢ଼ିବ ଶୀତ, ଆଭ୍ୟନ୍ତରୀଣ ଓଡିଶାରେ ୧୫ ଡିଗ୍ରୀ ତଳକୁ ଖସିବ ତାପମାତ୍ରା



ଭୁବନେଶ୍ୱର,୨୨।୧୧(ନି/ପ୍ର): ମାସ ଶେଷ ଆଡ଼କୁ ଅନୁଭବ ହେବ ଶୀତ । ଜମିବ ପାରଦ । ଆଭ୍ୟନ୍ତରୀଣ ଓଡିଶା ରେ ୧୫ ଡିଗ୍ରୀ ତଳକୁ ଖସିବ ତାପମାତ୍ରା । ଏପଟେ ରାଜ୍ୟରେ ରହିବ ବୃଷ୍ଟି । ୨୪ ତାରିଖ ପର୍ଯ୍ୟନ୍ତ ବିଜୁନ୍ ସ୍ଥାନ ରେ ହାଲୁକା ରୁ ମଧ୍ୟମ ଧରଣ ର ବୃଷ୍ଟି ରହିବା କୁ ନେଇ ପୂର୍ବାନୁମାନ କରିଛନ୍ତି ସୋଆ. ସିଇସି ମୁଖ୍ୟ ଶରତ ଚନ୍ଦ୍ର ସାହୁ । । ବର୍ଷା ଯୋଗୁଁ ଶୀତ ଅନୁଭବ ହେଉ ନଥିବା ବେଳେ ନଭେମ୍ବର ଶେଷ ରୁ ଅଧିକ ଶୀତ ଅନୁଭବ କରିବେ ଲୋକେ । ବର୍ଷା ଯୋଗୁଁ ଏ ବର୍ଷ ଶୀତ ବିଳମ୍ବ ରେ ଆରମ୍ଭ ହେଉଛି । ଆଉ ସପ୍ତାହ ମଧ୍ୟ ରେ ସବୁଠି ଜମିବ ପାରଦ । ୨ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ । ଆଭ୍ୟନ୍ତରୀଣ ଓଡ଼ିଶାରେ ୧୫ ଡିଗ୍ରୀ ତଳକୁ ଖସିବ ପାରବ ,ଉପକୂଳ ରେ ମଧ୍ୟ ଶୀତ ଅନୁଭବ କରିବେ ଲୋକେ ବୋଲି କହିଛନ୍ତି ସୋଆ ସିଇସି ମୁଖ୍ୟ ଶରତ ଚନ୍ଦ୍ର ସାହୁ । ଏପଟେ ସକାଳୁ ସନ୍ଧ୍ୟାକୁ ବିଜୁନ୍ ଜାଗାରେ ପବନ ବୁହୁଚି ମଧ୍ୟ ଦେଖିବା କୁ ମିଳିଛି । ରାଜଧାନୀ ସମିତ, ଖୋର୍ଦ୍ଧା, ଙ୍ଗଦାମ, କୋରାପୁଟ, ଜଗତସିଂପୁର, ପୁରୀ ଓ ଅନ୍ୟାନ୍ୟ ଉପକୂଳ ଓଡ଼ିଶା ରେ ବୁହୁଚି ଦେଖିବା କୁ ମିଳିଛି । ଅନେକ ସ୍ଥାନରେ ଭିଜିବିଜିଟି ୧୦୦ ମିଟର ରୁ ଜମ ମଧ୍ୟ ରହିଛି । ଭୁବନେଶ୍ୱର ରେ ମଧ୍ୟମ ଧରଣର ବୃଷ୍ଟି ରହିଥିଲା । ୧୫୦ ରୁ ୨୦୦ ମିଟର ପର୍ଯ୍ୟନ୍ତ ଭିଜିବିଜିଟି ରହିଥିବା ଦେଖିବାକୁ ମିଳିଛି । ଏମିତିକି ଗାଡି ଚଳାଚଳ ପାଇଁ ମଧ୍ୟ ଅସୁବିଧା ସମ୍ମୁଖୀନ ହୋଇଥିଲା । ତେବେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ବୁହୁଚି ରହିବ ବୋଲି ଶରତ ଚନ୍ଦ୍ର ସାହୁ କହିଛନ୍ତି ।ଏପଟେ ୨୭ ରୁ ୨୮ ତାରିଖ ବେଳକୁ ବଙ୍ଗୋପସାଗର ରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା କୁ ନେଇ ମଧ୍ୟ ଆକଳନ କରାଯାଇଛି ।

ବାଲିଯାତ୍ରା ଜଗିବେ ୭୦ ପ୍ଲାଟୁନ୍



ଜଟଣି,୨୨/୧୧(ନି/ପ୍ର): ଦିନକ ପରେ ଜଟଣି ଐତିହାସିକ ବାଲିଯାତ୍ରା। ଚଳିତବର୍ଷ ବାଲିଯାତ୍ରାରେ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ଜମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମେଳା ପରିସରର ସୁରକ୍ଷା ଦାୟିତ୍ୱରେ ୭୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ସହ ୪୦୦ ଅଫିସର ନିୟୋଜିତ ରହିବେ। ସୁରକ୍ଷା ଉପରେ ନଜର ରଖିବା ପାଇଁ ପରିସୀରରେ ୩୮ ଟି ଓ୍ୱାଚ୍ ଟାୱାର ନିର୍ମାଣ କରାଯିବ। ଏଥିସହ ୧୨୦୦ ସିସି ଟିଭି କ୍ୟାମେରା, ୧୦୦ଟି ଏଆର କ୍ୟାମେରା ଜରିଆରେ ସମଗ୍ର ମେଳା ପଡିଆ ଉପରେ ଜଡା ନଜର ରଖାଯିବ। ଅନ୍ୟପଟେ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ମଧ୍ୟ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯିବ। ରାଷ୍ଟ୍ରପତି ଯେଉଁ ରାସ୍ତା ଦେଇ ଯାତାୟତ କରିବେ , ସେହି ରୁଟ୍‌ରେ ସାଧା ପୋଷାକଧାରୀ ପୁଲିସ୍ ମୁତୟନ ହେବା ସହ ସ୍ୱତନ୍ତ୍ର ବ୍ୟାରିକେଟ୍ ବ୍ୟବସ୍ଥା କରାଯାଇଛି। ବାଲିଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଏବଂ ଭିଡ଼ ମୁକ୍ତ କରିବା ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

ଭୁବନେଶ୍ୱରରେ ୯ ମହଲା ବିଶିଷ୍ଟ ରାଜସ୍ୱ ଭବନ; ଖର୍ଚ୍ଚ ହେବ ୩୪୭ କୋଟି



ଭୁବନେଶ୍ୱର,୨୨/୧୧(ନି/ପ୍ର): ଭୁବନେଶ୍ୱରରେ ନିର୍ମାଣ ହେବ ବହୁତଳ ବିଶିଷ୍ଟ ରାଜସ୍ୱ ଭବନ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ଭୁବନେଶ୍ୱରରେ ଏକ ୯ ମହଲା ବିଶିଷ୍ଟ ରାଜସ୍ୱ ଭବନ ନିର୍ମାଣ ହେବ। ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ସହିତ ନିର୍ମିତ ଏହି ଭବନର ୯ ମହଲା ତଳେ ୨ଟି ବେସମେଣ୍ଟ ଓ ଗୋଟିଏ ଗ୍ରାଉଣ୍ଡଫ୍ଲୋର ରହିବ। ଏଥିପାଇଁ ସମୁଦାୟ ୩୪୭ କୋଟି ୮୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହି ଭବନରେ ଗୋଟିଏ ସ୍ଥାନରେ ରାଜସ୍ୱ ବିଭାଗର ସମସ୍ତ ପ୍ରଶାସନିକ ଅଫିସ୍ ରହିବ। ଏହା ମାଧ୍ୟମରେ ରାଜସ୍ୱ ବ୍ୟବସ୍ଥାର ସୁପରିଚାଳନା ଏବଂ ରାଜସ୍ୱ ଆଦାୟ ପ୍ରକ୍ରିୟା ସହଜ ଓ ସୁଦ୍ୟବସ୍ଥିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ନେତାନ୍ୟାହୁଙ୍କୁ ଝଟକା :

ପ୍ରଧାନମନ୍ତ୍ରୀ ପଦ ପାଇଁ ଆଇଜେନକୋଟଙ୍କୁ ସମର୍ଥନ କଲେ ବେନେଟ୍



ତେଲ ଅଭିଭ,୨୨/୧୧: ଇସ୍ରାଏଲର ପୂର୍ବତନ ପ୍ରଧାନମନ୍ତ୍ରୀ ନାଫତାଲି ବେନେଟ୍ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ବଡ଼ ଝଟକା ଦେଇଛନ୍ତି। ସେ ନୂଆ ସରକାର ଗଠନ ପାଇଁ ଗାବି ଆଇଜେନକୋଟଙ୍କୁ ସମର୍ଥନ କରିଛନ୍ତି। ବେନେଟ୍ ନେତାନ୍ୟାହୁଙ୍କ ନେତୃତ୍ୱାଧୀନ ସରକାରରେ କାମ କରିବାର ସମ୍ଭାବନାକୁ ଖଣ୍ଡନ କରିଛନ୍ତି। ନେତାନ୍ୟାହୁଙ୍କ ସହ ଦୁଇ ଘଣ୍ଟାର ବୈଠକ ପରେ ବେନେଟ୍ ଜରି ଗାବି ଆଇଜେନକୋଟଙ୍କ ସହିତ ଜାୟୋନିଷ୍ଟ ଏକତା ସରକାର ଗଠନ କରିବାର ସମ୍ଭାବନାକୁ ଖଣ୍ଡନ କରିଛନ୍ତି। ନେତାନ୍ୟାହୁଙ୍କ ସହ ଦୁଇ ଘଣ୍ଟାର ବୈଠକ ପରେ ବେନେଟ୍ ସାର୍ବଜନୀନ ଭାବେ ଏଭଳି ବିବୃତି ଦେଇଛନ୍ତି। ବୈଠକ ପରେ ବେନେଟ୍ ଆଇଜେନକୋଟଙ୍କ ଗୋଷ୍ଠୀରୁ ଅଲଗା ହୋଇପାରନ୍ତି ବୋଲି ଦେଶର ରାଜନୈତିକ ଜରିଚରେ ଜଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ବେନେଟ୍, କହିଛନ୍ତି ଯେ, ସେ ଆଇଜେନକୋଟଙ୍କ ନେତୃତ୍ୱରେ ଏକ ସରକାର ଗଠନ କରିବାକୁ ପ୍ରତିବଦ୍ଧ। ମୁଁ ମୋର ସହଯୋଗୀମାନଙ୍କ ସହିତ ଜାମି ଗାବି ଆଇଜେନକୋଟଙ୍କ ନେତୃତ୍ୱରେ ଏକ ସରକାର ଗଠନ କରିବାକୁ ପ୍ରତିବଦ୍ଧ ଯାହା ଦେଶକୁ ପୁଣିଥରେ ଧାରାକୁ ଫେରାଇ ଆଣିବାର ଲକ୍ଷ୍ୟ ରଖିଛି। ପ୍ରଧାନମନ୍ତ୍ରୀ ପଦ ପାଇଁ ନେତାନ୍ୟାହୁଙ୍କୁ ସମର୍ଥନ କରିବାକୁ ମଧ୍ୟ ସେ ସ୍ପଷ୍ଟ ଭାବରେ ଖଣ୍ଡନ କରି କହିଛନ୍ତି, ନେତନ୍ୟାହୁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଯେପରି ନ ହେବେ ତାହା ନିଶ୍ଚିତ କରିବାକୁ ମୁଁ ପ୍ରତିଶ୍ରୁତିବଦ୍ଧ। ବେନେଟ୍ ଜୋର ଦେଇ କହିଛନ୍ତି ଯେ, ତାଙ୍କ ବଳ ଜୌଣସି ପରିସ୍ଥିତିରେ ନେତାନ୍ୟାହୁଙ୍କ ସହିତ ମେଂଟ କରିବ ନାହିଁ। ବେନେଟ୍ ନେତାନ୍ୟାହୁଙ୍କ ନେତୃତ୍ୱାଧୀନ ସରକାରରେ କାମ କରିବାର ସମ୍ଭାବନାକୁ ଖଣ୍ଡନ କରିଛନ୍ତି। ନେତାନ୍ୟାହୁଙ୍କ ସହ ଦୁଇ ଘଣ୍ଟାର ବୈଠକ ପରେ ବେନେଟ୍ ସାର୍ବଜନୀନ ଭାବେ ଏଭଳି ବିବୃତି ଦେଇଛନ୍ତି।

ଇରାନରେ ଶାସନ ପରିବର୍ତ୍ତନ ଚାହୁଁନାହୁଁ: ସ୍ଥାୟୀ ଚୁକ୍ତି ଉପରେ ଗୁରୁତ୍ୱାରୋପ କଲେ ଟ୍ରମ୍ପ



ୱାଶିଂଟନ,୨୨/୧୧: ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ବିବାଦ ମଧ୍ୟରେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଆଭିମୁଖ୍ୟ ନେଇ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ଆମେରିକାର ଲକ୍ଷ୍ୟ ଇରାନରେ ଶାସନ ପରିବର୍ତ୍ତନ ଆଣିବା ନୁହେଁ। ଆମେ ଇରାନ ସହିତ ଏକ ସ୍ଥାୟୀ ଚୁକ୍ତି କରିବାକୁ ଚାହୁଁଛୁ। ଯାହା ଦ୍ୱାରା ଭବିଷ୍ୟତରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଏବଂ ସଂଘର୍ଷକୁ ରୋକାଯାଇ ପାରିବ। ତେବେ ପରମାଣୁ ଅସ୍ତ୍ର ପ୍ରସଙ୍ଗରେ ଆମର ସ୍ଥିତି ପୂର୍ବପରି ରହିଛି। ସେ ବୋହରାଇଛନ୍ତି ଯେ, ଆମେରିକା ଜୌଣସି ପରିସ୍ଥିତିରେ ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାକୁ ଦେବ ନାହିଁ। ସଂଘର୍ଷ ସମାପ୍ତ କରିବା ପାଇଁ ଆମେରିକାର ରଣନୀତି ବିଷୟରେ ଏକ ପ୍ରଶ୍ନର ଉତରରେ ଟ୍ରମ୍ପ ଏଭଳି ଉତର ଦେଇଛନ୍ତି। ଟ୍ରମ୍ପଙ୍କ ଅନୁଯାୟୀ, ସେ ଇରାନରେ ଶାସନ ପରିବର୍ତ୍ତନ ପାଇଁ କେବେବି ଆଗ୍ରହୀ ନାହାନ୍ତି। ଆମେରିକା ବର୍ତମାନ ଏପରି ଲୋକଙ୍କ ସହିତ ଆଲୋଚନା କରୁଛି ଯେଉଁମାନଙ୍କ ସହିତ ମୁକାବିଲା କରିବା ଉଚ୍ଚିତ୍ତର। ତେବେ ସେ ଆଶା ପ୍ରକାଶ କରିଛନ୍ତି ଯେ, ଆମେରିକାର ନେତୃତ୍ୱ ଭବିଷ୍ୟତରେ ଇରାନ ସହିତ ଏକ ସ୍ଥାୟୀ ଚୁକ୍ତି ପାଇଁ କାର୍ଯ୍ୟ ଜାରି ରଖିବ। ଟ୍ରମ୍ପଙ୍କ ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକାରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରହିଛି। ଏହା ପୂର୍ବରୁ ହ୍ୱାଇଟ୍ ହାଉସର ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ମଧ୍ୟ ଇରାନର ପରମାଣୁ କାର୍ଯ୍ୟକ୍ରମ ବିଷୟରେ ଟ୍ରମ୍ପଙ୍କ ଦାବିକୁ ପୂର୍ଣ୍ଣ ସମର୍ଥନ କରିବାରୁ ନିବୃତ ରହିଥିଲେ।ଯେତେବେଳେ ଟ୍ରମ୍ପଙ୍କୁ ଜେଡି ଭାନ୍ସଙ୍କ ସେହି ବିବୃତି ବିଷୟରେ ପଚରାଗଲା ସେଉଁଥିରେ ସେ ମଧ୍ୟବର୍ତୀକାଳୀନ ନିର୍ବାଚନରେ ରିପବ୍ଲିକାନ ପାର୍ଟିର ପ୍ରଦର୍ଶନ ଉପରେ ଇରାନ ଯୁଦ୍ଧର ପ୍ରଭାବ ବିଷୟରେ କହିଥିଲେ। ଏହାର ଉତରରେ ରାଷ୍ଟ୍ରପତି ଭାନ୍ସଙ୍କ ମନ୍ତବ୍ୟ ନେଇ ଅସନ୍ତୁଷ୍ଟ ନାହାନ୍ତି ବୋଲି ସ୍ପଷ୍ଟ ଭାବେ ମନା କରିଥିଲେ। ଟ୍ରମ୍ପ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ, ଯଦି ତାଙ୍କୁ ପଚରାଯାଏ ପୁଣି ଥରେ ଇରାନ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି, ତେବେ ତାଙ୍କର ଉତର ହଁ ହେବ। ସେ ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାରୁ ରୋକିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଇରାନର ପରମାଣୁ କାର୍ଯ୍ୟକ୍ରମ ବିଷୟରେ ପୂର୍ବରୁ ବହୁ ପ୍ରଶ୍ନ ଉଠିଛି। ଟ୍ରମ୍ପ ଗତ ନଅ ମାସ ଧରି ବାରମ୍ବାର ଦାବି କରିଆସୁଛନ୍ତି ଯେ, ଇରାନ ପରମାଣୁ ଅସ୍ତ୍ର ବିକଶିତ କରିବାର ବହୁତ ନିକଟତର, ଏବଂ ସେ କହିଛନ୍ତି ଯେ, ଇରାନର ଏଭଳି ପଦକ୍ଷେପ ଆମେରିକାକୁ ସଂଘର୍ଷରେ ସାମିଲ ହେବାକୁ ବାଧ କରିଥିଲା। ତେବେ ଆମେରିକୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ଦ୍ୱାରା କରାଯାଇଥିବା ତଦନ୍ତ ଏକ ଭିନ୍ନ ଚିତ୍ର ପ୍ରଦାନ କରୁଛି। ମାର୍ଚ୍ଚ ୨୦୨୫ରେ ଡକ୍ଟାଳାନ ଜାତୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଲସୀ ଗାବାର୍ଡ ଜଣ୍ଟେସ୍ସଙ୍କୁ କହିଥିଲେ ଯେ, ଆମେରିକୀୟ ଗୁଇନ୍ଦା ସଂସ୍ଥା ଅନୁସାରେ ଇରାନ ପରମାଣୁ ଅସ୍ତ୍ର ବିକଶିତ କରୁନଥିଲା। ସେ ଏହା ମଧ୍ୟ କହିଥିଲେ ଯେ, ଇରାନର ସର୍ବୋଚ୍ଚ ନେତା, ଆୟତୋଲ୍ଲା ଅଲି ଖାମେନି ୨୦୦୩ ରେ ବନ୍ଦ ହୋଇଥିବା ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମକୁ ପୁଣି ଆରମ୍ଭ କରିବାକୁ ଅନୁମତି ଦେଇନଥିଲେ। ଏହା ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଟ୍ରମ୍ପଙ୍କ ଦାବି ଏବଂ ଆମେରିକୀୟ ଗୁଇନ୍ଦା ରିପୋର୍ଟ ମଧ୍ୟରେ ପାର୍ଥକ୍ୟକୁ ଦର୍ଶାଉଛି।

ଇଣ୍ଡୋନେସିଆର କ୍ୟାଣ୍ଡି କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ :

୩ ମୃତ , ୩୬ ଶ୍ରମିକ ନିଖୋଜ



ଜାକର୍ତ୍ତା,୨୨/୧୧: ଇଣ୍ଡୋନେସିଆର ବାଟେନ୍ ପ୍ରଦେଶରେ ଏକ କ୍ୟାଣ୍ଡି କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି ଏବଂ ତିନି ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୩୬ ଜଣ ଶ୍ରମିକ ନିଖୋଜ ଅଛନ୍ତି। ଅଧିକାରୀମାନେ କହିଛନ୍ତି ଯେ, ଉଦ୍ଧାରକାରୀ ଦଳ ସେମାନଙ୍କୁ ଖୋଜୁଛନ୍ତି। ରାଜଧାନୀ ଜାକର୍ତ୍ତା ନିକଟବର୍ତୀ ବାଟେନ୍ ପ୍ରଦେଶର ସେରଙ୍ଗ ଜିଲ୍ଲାରେ ଥିବା ପିଟି ଫୋନୁସା ଆଣ୍ଡୁଙ୍ଗ ମୁଲିଆ କାରଖାନାରେ ଅଗ୍ନିକାଣ୍ଡ ଘଟିଛି। ଏହି କାରଖାନା ମିଲକିଟା ଚ୍ରାଣ୍ଡର କ୍ଷୀରରୁ ତିଆରି କ୍ୟାଣ୍ଡି ଏବଂ ସ୍ନାକ୍ସ ପ୍ରସ୍ତୁତ କରିଥାଏ। ଜାତୀୟ ସନ୍ଧାନ ଏବଂ ଉଦ୍ଧାର ସଂସ୍ଥା ଏକ ବିବୃତି ଜାରି କରି କହିଛି ଯେ, କାରଖାନାରୁ ୧୫ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ଚାରି ଜଣ ଆହତ ଶ୍ରମିକ ଅଛନ୍ତି। ବାଟେନ୍ ସର୍ଚ୍ଚ ଆଣ୍ଡ ରେସକ୍ୟୁ ଏଜେନ୍ସିର ଅପରେସନ୍ ଅଫିସର ରିଜକି ଦ୍ୱିୟାଣ୍ଟୋ କହିଛନ୍ତି ଯେ, କାରଖାନାର ଅନେକ ସ୍ଥାନରେ ଏବେ ବି ନିଆଁ ଜଳୁଛି। ଅଗ୍ନିକାଣ୍ଡ ଘଟିବାର ୧୨ ଘଣ୍ଟାରୁ ଅଧିକ ସମୟ ପରେ ମଧ୍ୟ ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇବାରେ ଲାଗିଛନ୍ତି। କାରଖାନା ବାହାରେ, ନିଖୋଜ ଶ୍ରମିକଙ୍କ ସମ୍ପର୍କୀୟମାନେ ସେମାନଙ୍କୁ ଅପେକ୍ଷା କରିଛନ୍ତି। ଅଗ୍ନିକାଣ୍ଡର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଅଗ୍ନିକାଣ୍ଡ ସମୟରେ ସମସ୍ତ ନିଖୋଜ ଶ୍ରମିକ କାରଖାନା ଭିତରେ ଥିଲେ କି ନାହିଁ ତାହା ଅଧିକାରୀମାନେ ଏପର୍ଯ୍ୟନ୍ତ କହ



କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ତୁଳସୀ ଗଣନାଟ୍ୟର ଅପେରାବେଳେ ଦର୍ଶକଙ୍କର ଚାଲିଗଲା ଜୀବନ



କେନ୍ଦୁଝର,୨୨/୧୧(ନି/ପ୍ର): ମଚ ଉପରେ ଚାଲିଥିଲା ଅଭିନୟ, ଦମଦାର ସଂଳାପରେ ଅଞ୍ଚଳ ଥିଲା ପେଣ୍ଡାଲ, ଆଉ ଏହାରି ଭିତରେ ଚାଲିଗଲା ଦର୍ଶକଙ୍କ ଜୀବନ । କେନ୍ଦୁଝଜିଲ୍ଲା ଜାକିପଡିଆଠାରେ ଅପେରା ଦେଖୁଥିବା ସମୟରେ ଚେୟାରରେ ବସିଥିବାବେଳେ ଢଳିପଡିଲେ ଦର୍ଶକ । ମୃତକ ବୁଢୁମୁଣ୍ଡା ଅଂଚଳର ସର୍ବେଶ୍ୱର ସାହୁ ହୋଇଥିବାବେଳେ ଶଳା ଓ ଭିଣୋଇ ମିଶି ଅପେରା ଦେଖୁଥିବା ସମୟରେ ଚେୟାରରେ ବସିଥିବାବେଳେ ସର୍ବେଶ୍ୱର ଢଳି ପଡିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁର କାରଣ ଜଣାପଡିନଥିବାବେଳେ ହୃଦଘାତ ରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଛି ।କେନ୍ଦୁଝର ସହର କାନାପୁଜା ମୀନାବଜାରରେ ତୁଳସୀ ଗଣନାଟ୍ୟ ପକ୍ଷରୁ ଅପେରା ପ୍ରଦର୍ଶନ ହେଉଥିବାବେଳେ ରାତି ପ୍ରାୟ ୨ ଘଟିକା ସମୟରେ ଅଘଟଣ ଘଟିଥିଲା । ଘଟଣା ପରେ ଅପେରାର ସାଉନ୍ଡ କମେରାକୁ ପୋଲିସ ନିର୍ଦ୍ଦେଶ ଦେଇଥିବା ବେଳେ ପୂର୍ବରୁ ସାଉନ୍ଡ ନିୟମ ଅନୁଯାୟୀ ଜମ ଥିଲେ ହୁଏତ ଏ ଅଘଟଣ ଘଟିନଥାଆ।ଘଟଣାରେ ପରିବାର ଲୋକ ଅଭିଯୋଗ କରିଛନ୍ତି । ଏହାସହ ଜଣାପଡିନଥିବାବେଳେ ହୃଦଘାତ ରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଛି ।କେନ୍ଦୁଝର ସହର କାନାପୁଜା

ଗଣତନ୍ତ୍ରର ସୁରକ୍ଷା ଓ ଅରାଜକତା ଦୂରୀକରଣ ଆହ୍ୱାନ; ବୁଦ୍ଧିଜୀବୀ ସମ୍ମିଳନୀ



ଘଟଗାଁ, ୨୨/୧୧(ନି/ପ୍ର): ଗଣତନ୍ତ୍ରର ମର୍ଯ୍ୟାଦା ରକ୍ଷା ଓ ଅରାଜକତାର ଅବସାନ ଲକ୍ଷ୍ୟ ନେଇ 'ଗଣତନ୍ତ୍ର ବଂଚାଓ, ଅରାଜକତା ହଟାଓ' ଅଭିଯାନ ପରିପ୍ରେକ୍ଷୀରେ ଘଟଗାଁସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦୌଦ୍ଧିକ ମଣ୍ଡପ ପରିସରରେ ଘସିପୁରା ନିର୍ବାଚନମଣ୍ଡଳୀ ବିଜେପି ପକ୍ଷରୁ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀରେ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶରେ ଅସ୍ଥିରତା ଓ ଅରାଜକତା ସୃଷ୍ଟି କରୁଥିବା ବିଦେଶୀ ଶକ୍ତିମାନଙ୍କୁ ଜର୍ଜରିତା ଫେରେ ସଭାପତି ଚଢୁଧର ବଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରର ମୌଳିକ ମୂଲ୍ୟବୋଧର ସୁରକ୍ଷା ସମ୍ପର୍କରେ ନିଜର ମତ ରଖିଥିଲେ। ସେହିପରି ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଦୋଳଗୋବିନ୍ଦ ପଣ୍ଡା ଓ ଅବସରପ୍ରାପ୍ତ ଜର୍ନାଦାର ଫେରେ ସଭାପତି ଚଢୁଧର ବଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରର ମୌଳିକ ଦେଶରେ ନିରନ୍ତର ବିକାଶର ଧାରା ପ୍ରବାହିତ ହେଉଥିବା ବେଳେ ଭାରତ ଆସାମୀ ଦିନରେ ବିଶ୍ୱଗୁରୁ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ବିଜେପି ସଂଗଠିକା ଯଶୋସିନୀ ବଳଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀରେ ଘସିପୁରା ନିର୍ବାଚନମଣ୍ଡଳୀର ବିଜେପି ନେତା ଡ. ଶମ୍ଭୁନାଥ ରାଉତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଅଭିଯାନର ଉଦ୍ଦେଶ୍ୟ ଓ ଗଣତାନ୍ତ୍ରିକ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ମଣ୍ଡଳର ବିଜେପି ନେତା ଓ କର୍ମୀ ଉପସ୍ଥିତ ରହି ବିଭିନ୍ନ ଅଂଚଳ ପରିବର୍ଦ୍ଧନ କରିଛନ୍ତି। ଗସ୍ତ ସମୟରେ ଶ୍ରୀ ଅମାତ ଓ ବିଧାୟକମାନେ ଜିଲ୍ଲାର ବିଭିନ୍ନ ଦେବେହରା, ମନୋରଞ୍ଜନ ମହାନ୍ତି, ବୟାନିଧି ବାରିକ, ରାମଚନ୍ଦ୍ରପୁର ମଣ୍ଡଳ ସଭାପତି ଅଜୟ ବାରିକ, ଜେଙ୍କିକୋଟ ମଣ୍ଡଳ ସଭାପତି ରଞ୍ଜିତ ନାୟକ, ଘସିପୁରା ସାଂସଦ ପ୍ରତିନିଧି ଶିବେନ୍ଦ୍ର ତନ୍ତୁ, ପୁଷ୍ପଲତା ମହାନ୍ତି, ରାମଚନ୍ଦ୍ର ମହାନ୍ତ ଓ ନରହରି ମହାନ୍ତଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ବଜାୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁଁ କ୍ଷତିଗ୍ରସ୍ତ ପରିବାରକୁ ଭେଟିଲେ ବିଜେପି କର୍ମକର୍ତା

ମାଲଜାନଗିରି,୨୨/୧୧(ନି/ପ୍ର): ଜାଲିମେଳା ବ୍ଲକ ପଞ୍ଚୁଗୁଡା ଫଂଚାୟତ ଅନ୍ତର୍ଗତ ଏମ ଭି ୧୩୧ ଗ୍ରାମର ବିକାଶ ବାହାଙ୍କ ଘରେ ଗତକାଲି ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗି ଘରେ ଥିବା ସବୁ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଥିବା ଖବର ପାଇ ମାଲାଭନ୍ତମ ମଣ୍ଡଳ ବିଜେପି ତରଫରୁ ଆଜି ଘଟଣାସ୍ଥଳକୁ ପହଂଚି ପୀଡ଼ିତ ପରିବାରକୁ ଭେଟିଥିଲେ। ଏହି ଅବସରରେ ରାଜସ୍ୱ ନିରୀକ୍ଷକ ଦିନେଶ ବିଶ୍ୱାସ ଏବଂ ବିଦ୍ୟୁତ୍ ବିଭାଗର ଅଧିକାରୀ ସ୍ୱରୂପ ପାଣିଗ୍ରାହୀଙ୍କ ସହ ଆଲୋଚନା କରି କ୍ଷତିଗ୍ରସ୍ତ ପରିବାରକୁ ବିପରି ସରକାରୀ ସହାୟତା ଓ ଆବଶ୍ୟକୀୟ ସୁବିଧା ମିଳିପାରିବ,ସେ ସମ୍ପର୍କରେ ଆଲୋଚନା କରାଯାଥିଲା। ଏହି ସମୟରେ କୃଷକ ମୋର୍ଚ୍ଚା ସଭାପତି ଚୌଣିକ ହାଲଦାର, ମଣ୍ଡଳ ସମ୍ପାଦକ ଜ୍ୟୋତି ହାଲଦାର, ମଣ୍ଡଳ ସାଧାରଣ ସମ୍ପାଦକ ବିକାଶ ମଣ୍ଡଳ, ଶକ୍ତିକେନ୍ଦ୍ର ପ୍ରମୁଖ ଶ୍ୟାମଳ ବେପାରୀ ଏବଂ ମାଲାଭନ୍ତମ ମଣ୍ଡଳ ସଭାପତି ଜୟନ୍ତ କୁମାର ମହୁମଦାର ଉପସ୍ଥିତ ରହି ପରିବାରର ଦୁଃଖସୁଖ ବୁଝିବା ସହିତ ସେମାନଙ୍କୁ ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ଯୋଗାଇଦେବା ପାଇଁ ଆଲୋଚନା କରିଥିଲେ।

ବିଶାଳ ସ୍ୱାସ୍ଥ୍ୟ ସଚେତନତା ରାଲି ଆୟୋଜିତ

କେନ୍ଦୁଝର,୨୨/୧୧(ନି/ପ୍ର): ୧୮ତମ ଜାତୀୟ ଫାର୍ମାସି ସପ୍ତାହ-୨୦୨୧ ପାଳନ ଅବସରରେ କେନ୍ଦୁଝର ଜିଲ୍ଲା ଭିତ୍ତିକ କେନ୍ଦୁଝର ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ଏକ ବିଶାଳ ସ୍ୱାସ୍ଥ୍ୟ ସଚେତନତା ରାଲି ଆୟୋଜିତ ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆରମ୍ଭ ହୋଇଥିବା ଏହି ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । କେନ୍ଦୁଝରର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାଃ ଧନେଶ୍ୱର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ । ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ଡଃ ବସନ୍ତ କୁମାର ବାନୀ, ନିର୍ଦ୍ଦେଶକ ତୋଡ଼ଗଙ୍ଗଦ ଦେବ ବାନୀ, ଅଧକ୍ଷ ଡଃ ପ୍ରଶାନ୍ତ କୁମାର ବିଶ୍ୱାଳ ଓ ପ୍ରଶାସନିକ ଅଧିକାରୀ ବିଜୟ ଭୂଷଣ ସାହୁ ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ମିନକେତନ ନାୟକ, ଚାରିଣୀବାଳ ସ୍ୱାଇଁ, ରୋହନ ବେହେରା, ଅଞ୍ଜଳୀ ବଡ, ମମତା ସେଠୀ, ମନ୍ଦାକିନୀ ମହାନ୍ତ ଓ ଜ୍ୟୋତିପ୍ରିୟା ବାଳାଙ୍କ ସମେତ ଅନ୍ୟ ଅଧ୍ୟାପକ ଓ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ରାଲି ମାଧ୍ୟମରେ ସାଧାରଣ ଲୋକଙ୍କୁ ଔଷଧର ସଠିକ୍ ଓ ନିରାପଦ ବ୍ୟବହାର, ଔଷଧ ସେବନ ସମୟରେ ସତର୍କତା ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିସହ ଫାର୍ମାସିଷ୍ଟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ସାମାଜିକ ଦାୟିତ୍ୱ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ପାୟନୀୟର କ୍ଷୀରାନୀ ପକ୍ଷରୁ କ୍ଷେତ୍ର ପରିଦର୍ଶନ ଦିବସ ପାଳିତ

ଜୟପୁର,୨୨/୧୧(ନି/ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ପଲିଁ ଗ୍ରାମରେ ଆଜି ପାୟୋନୀୟର କ୍ଷୀରାନୀ ପକ୍ଷରୁ ଫସଲ ଅମଳ ଦିବସ ପାଳନ କରାଯାଇଛି । ବୋରିଗୁମ୍ମା ବ୍ଲକ ର କ୍ଷେତ୍ର ପ୍ରତି ନିଧି ଜିତେନ୍ଦ୍ର କୁମାର ସାହୁ ଏବଂ ପାୟୋନୀୟର କ୍ଷୀରାନୀ ର ଟିବିଏଲ ଅକ୍ଷୟ ବେହେରା ଙ୍କ ତତ୍ୱାଧାନ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ସ୍ଥାନରୁ ଆସିଥିବା ୧୩୦ ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ପୟୋନୀୟର କ୍ଷୀରାନୀ ର ଶଙ୍କର ଧାନ ୨୮ଚଖ୬୬ ର ଚାଷ ବିଷୟ ରେ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଏହି ଧାନ ଚାଷ ଜଲେ ବିବିଏଲ, ବିପିଏଚ, ଝୁଲ ପ୍ରତି ସହନ ଶିଳ ରହିଛି । ଅନ୍ୟ ଧାନ ଚାଷ କରିବା ଅପେକ୍ଷା ଏହି ୨୮ଚଖ୬୬ ଜିସମ ଧାନ ଚାଷ ଜଲେ ଏକର ପିଛା ଅନ୍ୟ ଧାନ ତୁଳନାରେ ଏହି ଧାନ ୨୭ଗୁମ୍ପା କୁଟାଳ ପର୍ଯ୍ୟନ୍ତ ଅଧିକା ଅମନ ହୋଇପାରିବ ଏଣୁ ଆସାମୀ ଦିନରେ ଚାଷୀମାନେ ୨୮ ପିଚ୍ଚ୍ଚ ଧାନ ଚାଷ କରିବାକୁ ଉପସ୍ଥିତ ଚାଷୀ ଙ୍କୁ ପୟୋନୀୟର ଜର୍ନାଦାରୀ ରୁ ଅନୁରୋଧ କରିଥିଲେ । ଚାଷୀ ପାୟୋନିୟର କ୍ଷୀରାନୀର ଶଙ୍କର ଧାନ ୨୮ଚଖ୬୬ ଚାଷ କରିବା ପାଇଁ ମନ ବଢାଇଛନ୍ତି ।ଏହି ଅବସର ରେ ସମସ୍ତ ଚାଷୀ ଏକ ରାଲି କରି ଗ୍ରାମ ଭ୍ରମଣ କରିଥିଲେ ।ଫସଲ ଅମଳ ଦିବସ କାର୍ଯ୍ୟକ୍ରମ ରେ ପଲିଁ ଗ୍ରାମର ଚାଷୀ ସରପାଣିବ ଅମଳାତ୍ୟ, ପ୍ରଫୁଲ ପୂଜାରୀ, ସମେତ ଅନେକ ଚାଷୀ ଯୋଗ ଦେଇଥିଲେ ।

ଜିଲ୍ଲା ସମବାୟ ଉନ୍ନୟନ କମିଟିର ଷଷ୍ଠ ବୈଠକ :

ସମବାୟ ସମିତିର ବିବିଧକରଣ ଓ କୃଷକଙ୍କ ଆୟବୃଦ୍ଧି ଉପରେ ଗୁରୁତ୍ୱ



ନବରଙ୍ଗପୁର, ୨୨/୧୧(ନି/ପ୍ର): ଭାରତ ସରକାରଙ୍କ 'ସହକାର-ସେ-ସମୃଦ୍ଧି' ଦୃଷ୍ଟିକୋଣ ଅନ୍ତର୍ଗତ ସମବାୟ କ୍ଷେତ୍ରର ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା ନିମନ୍ତେ ଜିଲ୍ଲା ସମବାୟ ଉନ୍ନୟନ କମିଟିର ଷଷ୍ଠ ବୈଠକ ଜିଲ୍ଲାପାଳ ଶ୍ରୀମତୀ ମଧୁମିତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମବାୟ ସଂସ୍ଥାଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ଓ ସକ୍ଷମ କରିବା ସହ କୃଷକମାନଙ୍କୁ ଆବଶ୍ୟକ ସେବା, ଭିତ୍ତିଭୂମି ଓ ଜୀବିକା ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲାରେ ସର୍ବମୋଟ ୯୫ଟି ବହୁଦ୍ଦେଶୀୟ ସମବାୟ ସମିତି ମଧ୍ୟରୁ ୧୩ଟି ପୁରୁଣା ଓ ୮୨ଟି ନୂତନ ସମିତି ରହିଛି ଏବଂ ସମସ୍ତ ୯୫ଟି ସମିତି ମଡେଲ୍ କେନ୍ଦ୍ରୀୟ ଉପବିଧି ଗ୍ରହଣ କରିଛନ୍ତି । ୧୩ଟି ପୁରୁଣା ସମିତିର ପାରଲାଟ୍ ପ୍ରକଳ୍ପ ମଞ୍ଜୁର ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହାସହ କୃଷି ଯନ୍ତ୍ରପାତି ଭଡ଼ା କେନ୍ଦ୍ର, କୃଷି ସେବା କେନ୍ଦ୍ର, ୧୩ଟି ଉପଭୋକ୍ତା ସାମଗ୍ରୀ ବିକ୍ରୟ କେନ୍ଦ୍ର ମଧ୍ୟରୁ ୧୨ଟି ଖୋଲିବା, ଗୋଖାଦ୍ୟ କେନ୍ଦ୍ର, ସପ୍ତଜପୁରୀ ବସ୍ତ୍ରାଳୟ ଓ ସମିତିଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନିଆଯାଉଛି । ସମିତିଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟା ସମୀକ୍ଷା ବେଳେ ୯୫ଟି ମଧ୍ୟରୁ ୭୯ଟି ସମିତି ପାଇଁ ଜମି ହସ୍ତାନ୍ତର ପ୍ରସ୍ତାବ ଦାଖଲ ହୋଇଥିବା ଜଣାପଡ଼ିଛି । 'ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନା' ଅନ୍ତର୍ଗତ ଜରିଆମ ସମବାୟ ସମିତିରେ ପାରଲାଟ୍ ପ୍ରକଳ୍ପ ମଞ୍ଜୁର ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହାସହ କୃଷି ଯନ୍ତ୍ରପାତି ଭଡ଼ା କେନ୍ଦ୍ର, କୃଷି ସେବା କେନ୍ଦ୍ର, ୧୩ଟି ଉପଭୋକ୍ତା ସାମଗ୍ରୀ ବିକ୍ରୟ କେନ୍ଦ୍ର ମଧ୍ୟରୁ ୧୨ଟି ଖୋଲିବା, ଗୋଖାଦ୍ୟ କେନ୍ଦ୍ର, ସପ୍ତଜପୁରୀ ବସ୍ତ୍ରାଳୟ ଓ ୮୨ଟି ନୂତନ ସମିତି ମଧ୍ୟରୁ ୭୮ଟି ସମ୍ପୃକ୍ତ କାର୍ଯ୍ୟକ୍ଷମ ହୋଇଛି । ଅବଶିଷ୍ଟ ପ୍ରଧାନମନ୍ତ୍ରୀ କୃଷକ ସମୃଦ୍ଧି କେନ୍ଦ୍ର ଅନ୍ତର୍ଗତ ସାର ବିତରଣ କେନ୍ଦ୍ରର ଅଗ୍ରଗତି ସମୀକ୍ଷା କରାଯାଇଥିଲା । 'ସମନ୍ୱ' ମେଗା ସଦସ୍ୟତା ଅଭିଯାନରେ ୪୦,୦୦୦ ସଦସ୍ୟ ଯୋଡ଼ିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଏପର୍ଯ୍ୟନ୍ତ ୯୧ଟି ସମବାୟ ସମିତି ମାଧ୍ୟମରେ ୩,୯୪୨ ଜଣ ସଦସ୍ୟ ପଞ୍ଜୀକୃତ ହୋଇଛନ୍ତି । ଏଥିସହ କୃଷକ ଉତ୍ପାଦକ ସଂଗଠନ ଗଠନ, ରନ୍ଧନ ଗ୍ୟାସ୍ ବିତରଣ, ଜନ ଔଷଧୁ କେନ୍ଦ୍ର, ଉନ୍ନତ ଖୁଚୁରା ବିକ୍ରୟ କେନ୍ଦ୍ର, ପ୍ରଧାନମନ୍ତ୍ରୀ କୁସୁମ ଯୋଜନା ସହ ସମନ୍ୱୟ, ବହୁଭାଷୀ ସମବାୟ ସଂସ୍ଥାରେ ସଦସ୍ୟତା, ଗ୍ରାମାଂଚଳରେ ପାନୀୟ ଜଳ ପାଇଁ ଯୋଗାଣ ଏବଂ ଭିତ୍ତିଭୂମି ବିକାଶ ଆର୍ଥିକ ସହାୟତା ଯୋଜନାର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଛି । ସମସ୍ତ ଯୋଜନାର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଭିତ୍ତିଭୂମି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷଜରି କୃଷକମାନଙ୍କ ସ୍ୱାର୍ଥ ସୁରକ୍ଷା, ଆୟବୃଦ୍ଧି ଓ ଜୀବିକା ସୁଯୁତ୍ତାକରଣ ପାଇଁ କୃଷି, ସମବାୟ ଓ ପ୍ରାଣୀ ସମ୍ପଦ ସମେତ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ସହ ନବରଙ୍ଗପୁର ସମବାୟ କ୍ଷେତ୍ର, ଡିଭିଜନ ଓ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ସମ୍ପତ୍ତିର ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଆହ୍ୱାନ କରିଛନ୍ତି ।

କେନ୍ଦ୍ରାପଡ଼ାରେ ବାତ୍ୟା ସ୍ଥିତି ଅନୁଧ୍ୟାନ କଲେ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ

ବାତ୍ୟା ଆଶ୍ରୟସ୍ଥଳୀ ବୁଲି ବିପନ୍ନଙ୍କ ସହ କଲେ ଆଲୋଚନା

କେନ୍ଦ୍ରାପଡ଼ା,୨୨/୧୧(ନି/ପ୍ର): ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ପ୍ରଭାବରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଜାରି ରହିଥିବା ବର୍ଷା ଓ ସମ୍ଭାବ୍ୟ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଆଜି ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆସିଛନ୍ତି । ଏହି ଗସ୍ତ ଅବସରରେ ତାଙ୍କ ସହିତ ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କ ସମେତ ବିଜୁ ଜନତା ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ରହି ବିଭିନ୍ନ ଅଂଚଳ ପରିବର୍ଦ୍ଧନ କରିଛନ୍ତି। ଗସ୍ତ ସମୟରେ ଶ୍ରୀ ଅମାତ ଓ ବିଧାୟକମାନେ ଜିଲ୍ଲାର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇ ସେଠାରେ ଆଶ୍ରୟ ନେଇଥିବା ବିପନ୍ନ ଲୋକମାନଙ୍କର ଭଲମନ୍ଦ ପଚାରି ବୁଝିଥିଲେ। ବିଶେଷ କରି ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ବୃଦ୍ଧବୃଦ୍ଧା, ମହିଳା ଏବଂ ଶିଶୁମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଶୁଖିଲା ଓ ରନ୍ଧା ଖାଦ୍ୟ, ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ତତାରଖ କରିଥିଲେ। ନିଜେ ପୂର୍ବତନ ମନ୍ତ୍ରୀ ଓ ନେତୃବୃନ୍ଦ ବିପନ୍ନମାନଙ୍କୁ ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ବଂଟନ କରିବା ସହ ଲୋକମାନଙ୍କୁ ଭୟଭୀତ ନହୋଇ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀରେ ରହିବାକୁ ପରାମର୍ଶ ଦେଇଥିଲେ। ଫସଲ କ୍ଷୟକ୍ଷତି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ବିପଦ ସମୟରେ ବଜାୟ ଜର୍ନାମାନେ ପ୍ରଶାସନ ସହ ସମନ୍ୱୟ ରକ୍ଷି ବିପନ୍ନ ଲୋକଙ୍କ ନିକଟରେ ପହଂଚି ସହାୟତାର ହାତ ବଢ଼ାଇବାକୁ ଶ୍ରୀ ଅମାତ ଆହ୍ୱାନ ଦେଇଥିଲେ। ପାଗ ଶୁଖିଲା ହେବା ପରେ କ୍ଷତିଗ୍ରସ୍ତ ଅଂଚଳଗୁଡ଼ିକର ସଠିକ୍ ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବା ଦିଗରେ ପଦକ୍ଷେପ ନିଆଯିବ ବୋଲି ନେତୃବୃନ୍ଦ ପ୍ରକାଶ କରିଛନ୍ତି।

କୃତ୍ରିମ ବୁଦ୍ଧିମତା, ଅସମାନତା ଓ ହିଂସା ଉପରେ ଆଲୋଚନା ସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ବିଶ୍ୱ ଦର୍ଶନ ଦିବସ- ୨୦୨୬ ପାଳିତ

ବଲାଙ୍ଗିର,୨୨/୧୧(ନି/ପ୍ର): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀରର ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ ଆଜି ବିଶ୍ୱ ଦର୍ଶନ ଦିବସ ପାଳନ ଅବସରରେ 'କୃତ୍ରିମ ବୁଦ୍ଧିମତା ଯୁଗରେ ଗଠନମୂଳକ ଅସମାନତା ଓ ହିଂସା' ଶୀର୍ଷକ ଏକ ଶୈକ୍ଷିକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଏଥିରେ ବିଭାଗର ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ କୃତ୍ରିମ ବୁଦ୍ଧିମତାର ବର୍ତ୍ତମାନ ପ୍ରଭାବ ଏବଂ ଏହାର ସାମାଜିକ, ନୈତିକ ଓ ଦାର୍ଶନିକ ଦିଗ ଉପରେ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ଡଃ ସହଯୋଗୀ ପ୍ରାଧ୍ୟାପକ ରାଜକିଶୋର ପାତ୍ର ନିଜ ବକ୍ତବ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗବେଷଣା, ଯୋଗାଯୋଗ ଓ ଆଧୁନିକ ଜୀବନର ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବର୍ତ୍ତମାନ ଭୂମିକା ଉପରେ ଆଲୋକପାତ କରିଥିଲେ । ସେ କହିଥି

ବିବିଧା

ଆଜିର ସ୍ପେଶାଲ

ପୋଷା କୁକୁର ବାହାଘରରେ ଅଜାଡ଼ିଥିଲେ କୋଟି କୋଟି

ସୁବେଦାର ରାଜା, ମହାରାଜା, ଜମିଦାରମାନଙ୍କର ଜୀବନଶୈଳୀ ଓ ସଉକ ଚର୍ଚ୍ଚାରେ ରହିଥାଏ। ଏହି କ୍ରମରେ ତୁନାଗଡ଼ର ନବାବ ମହାବତ ଖାନ୍ ବାରି କୁକୁର ପ୍ରେମୀ ଥିଲେ। ତାଙ୍କ ପାଖରେ ବିଭିନ୍ନ ପ୍ରଜାତିର ପାଖାପାଖି ୧୦୦୦ କୁକୁର ଥିଲେ। ଏହି କୁକୁରମାନଙ୍କ ପାଇଁ ସେ ଅଲଗା ଅଲଗା ଜଖ, ଟେଲିଫୋନ୍, ଘରୋଇ ସହାୟକ ବ୍ୟବସ୍ଥା କରିଥିଲେ। ତେବେ ଏହି ଜମାମ୍ କୁକୁରମାନଙ୍କ ମଧ୍ୟରେ 'ରୋଶନାରା' ନାମକ ଏକ ମାଈ କୁକୁରର ନବାବଙ୍କର ଅତିପ୍ରିୟ ଥିଲା। ସେ ରୋଶନାରା ସହ ବବି ନାମକ କୁକୁରର ବିବାହ କରିବାକୁ ସ୍ଥିର କରିଥିଲେ। ଏହି ବିବାହରେ ନବାବ ଆଜିକା ବଜାରଦରରେ ପାଖାପାଖି ୨ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ରୋଶନାରାଙ୍କୁ



ବିବାହ ସମୟରେ ସୁନା ନାଲ, ବ୍ରେସଲେଟ୍ ଓ ମହଙ୍gା ପୋଷାକ ପିନ୍ଧାଯାଇଥିଲା। ସେହିପରି ୨୫୦ କୁକୁର ରେଜ଼ କ୍ଷେତ୍ରରେ ରୋଶନାରାର ସ୍ୱାଗତ କରିଥିଲେ। ଏହି ବାହାଘରରେ ଯୋଗ ଦେବା ପାଇଁ ରାଜା, ମହାରାଜାଙ୍କ ସହ ଭାଇବନ୍ଧୁମାନଙ୍କୁ ଆମନ୍ତ୍ରିତ କରାଯାଇଥିଲା। କିନ୍ତୁ ରାଜବଂଶର କୌଣସି ସଦସ୍ୟ ଏଥିରେ ଯୋଗ ଦେଇ ନଥିଲେ। ଏହି ବିବାହରେ ତତ୍କାଳୀନ ଲକ୍ଷରୁ ଊର୍ଦ୍ଧ୍ୱ ଅତିଥି ମୋଗ ଦେଇଥିଲେ। କୁହାଯାଏ, ଏହି ବାହାଘର ପାଇଁ ଯେତେ ଅର୍ଥ ଖର୍ଚ୍ଚ କରାଯାଇଥିଲା, ସେଥିରେ ତୁନାଗଡ଼ର ତତ୍କାଳୀନ ୬,୨୦,୦୦୦ ବାସିନ୍ଦାଙ୍କର ଅନେକ ଆବଶ୍ୟକତାକୁ ପୂରଣ କରାଯାଇ ପାରିଥାନ୍ତା।

ପର୍ଶୁରାମଙ୍କ ଭୂମିକାରେ ଭିକି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଭିକି କୌଶଲ ଏବେ ତାଙ୍କ ଫିଲ୍ମ 'ଛାବା'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଇତିମଧ୍ୟରେ ତାଙ୍କ ହାତକୁ ଆଉ ଏକ ବଡ଼ ପ୍ରୋଜେକ୍ଟରୁ ଅଫର୍ ଆସିଛି। ଫିଲ୍ମର ଟାଇଟଲ୍ ରହିଛି 'ମହାବତାର'। ନୀରେନ୍ ଭଟ୍ଟ ଏହାର କାହାଣୀ ଲେଖିଛନ୍ତି। ଏହା ଏକ ପୌରାଣିକ ଫିଲ୍ମ ହେବ। ଏଥିରେ ଭିକି ଭଗବାନ ପର୍ଶୁରାମଙ୍କ ଭୂମିକାରେ ନଜର ଆସିବେ। ନିକଟରେ ଏକ ସାକ୍ଷତାକାରରେ ନୀରେନ୍ କହିଥିଲେ ଯେ, 'ଏବେ ଆମର ପୂରା ଧ୍ୟାନ 'ମହାବତାର' ଉପରେ ରହିଛି। ଏହି ଫିଲ୍ମ ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଏଥିରେ ଭଗବାନ ପର୍ଶୁରାମଙ୍କ କାହାଣୀ ଦେଖାଯିବ।' କିଛି ଦିନ ପୂର୍ବରୁ ମ୍ୟାଡକ୍ ଫିଲ୍ମସ୍ 'ମହାବତାର'ର ପୋଷ୍ଟର୍ ସେୟାର୍ କରି ଫିଲ୍ମ ବିଷୟରେ ସୂଚନା ଦେଇଥିଲା। ଦିନେଶ ବିଜନ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏହି ଫିଲ୍ମ ଚଳିତ ବର୍ଷ ଶେଷ ଆଡ଼କୁ ରିଲିଜ୍ ହୋଇପାରେ।



ଆଜିର ଇତିହାସ

- ୧୮୧୫- ବିଶ୍ୱର ସୁଖମ ପଲିର ପ୍ରସ୍ତୁତି କାରଖାନା ସ୍ୱିଜରଲାଣ୍ଡରେ ସ୍ଥାପନହେଲା ।
- ୧୯୧୬- ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ।
- ୧୯୫୪- ଆହ୍ୱାବାନର ସୁସାଗର କୂଳ ଅଞ୍ଚଳରେ ବକାଚଳତା ଯୋଗୁଁ ୫୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା ।
- ୧୯୮୨- ଜନ୍ ସାର୍ଭେଇସ୍ ୩୬ ଘଣ୍ଟା ଡିସ୍କୋ ନୃତ୍ୟ କରି ରେକର୍ଡ କରିଥିଲେ ।
- ୧୯୮୮- ଆଇଏଏଏସ୍ ଚକ୍ରକୁ ଭାରତୀୟ କୌଦୋନାରେ ସାମିଲ କରାଗଲା ।
- ୨୦୧୮- ଭାରତ ଚତୁର୍ଥ ଥର ପାଇଁ ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ଜିତିଲା ।

ସ୍ଲିପ୍ ଟୁରିଜିମ୍ ହବ୍ ପାଲଟିଛି ସ୍ୱିଡେନ

ସାଧାରଣତଃ ପର୍ଯ୍ୟଟକମାନେ ବୁଲାବୁଲି, ମଜାମସ୍ତି, ପାର୍ଟି ତଥା ମନୋରଞ୍ଜନ ପାଇଁ ବେଶ୍-ବିଦେଶ ଯାତ୍ରା କରିଥାନ୍ତି। ଜିନ୍ଦୁ ବର୍ତ୍ତମାନ ସମୟରେ ଲୋକେ ବ୍ୟସ୍ତ ଜୀବନ ଶୈଳୀରୁ ଦୂରେଇ ଶାନ୍ତିପୂର୍ଣ୍ଣ ପରିବେଶରେ ଶୋଇବା ପାଇଁ ସୁବନ୍ତ ସ୍ଥାନକୁ ଯାଉଛନ୍ତି। ଯାହାକୁ ସ୍ଲିପ୍ ଟୁରିଜିମ୍ କୁହାଯାଉଛି। ତେବେ ଏହି ପରିପ୍ରେକ୍ଷୀରେ ଏବେ ସ୍ୱିଡେନ ସ୍ଲିପ୍ ଟୁରିଜିମ୍ ପାଇଁ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ହେବାକୁ ଯାଉଛି। ଅନିଦ୍ରା ତଥା ଅବସାଦଗ୍ରସ୍ତ ଲୋକେ ଆସି ଏଠାରେ ଶାନ୍ତି ନିଦ୍ରା ଯାଉଛନ୍ତି। ପ୍ରକୃତରେ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଥଣ୍ଡା ପରିବେଶ ଲୋକଙ୍କୁ ମାନସିକ ଶାନ୍ତି ପ୍ରଦାନ କରିଥାଏ। ଏଠାକୁ ଲୋକେ ଆଣି ଅବସାଦ ଦୂର କରିବା ପାଇଁ ଜଙ୍ଗଲ ମଝିରେ ତାଦର ବିଛାଉ



ନିଦ ଆସିବା ପାଇଁ ଏଠାରେ ଅନେକ ଉପାୟ ଅବଲମ୍ବନ କରାଯାଇଥାଏ। ଯେପରି ଶୋଇବା ପାଇଁ ଏଠାରେ ଅତ୍ୟାଧୁନିକ ଶଯ୍ୟା ଯୋଗାଇ ଦିଆଯାଇଥାଏ। ଏଠାରେ ଥିବା ଅଧିକାଂଶ ଘରେ ଝରକା ନଥାଏ। ଯେଉଁ ଘରେ ଝରକା ଥାଏ, ସେଥିରେ ଏପରି ଭାବେ ପରଦା ଲଗାଯାଇଥାଏ ଯେ ଏକ ବିନ୍ଦୁ ଆଲୋକ ରଶ୍ମି ମଧ୍ୟ ଭିତରକୁ ପ୍ରବେଶ କରିପାରିବ ନାହିଁ। ଏଠାରେ ଥିବା ଅଧିକାଂଶ ଘରେ ଟିଭି ମଧ୍ୟ ନାହିଁ। ଏଠାରେ ଥିବା ଘରଗୁଡ଼ିକରେ ଶବ୍ଦ ପ୍ରତିରୋଧକ ବ୍ୟବସ୍ଥା ରହିଛି। ଫଳରେ ବାହାରର କୌଣସି ଶବ୍ଦ ଭିତରକୁ ପ୍ରବେଶ କରିପାରେ ନାହିଁ। ଏଠାରେ ଥିବା ଘରଗୁଡ଼ିକରେ ଥିବା ଆସବାବପତ୍ର ଏପରି ଭାବେ ତିଆରି ଯେ ଏଥିରେ ଧୂଳି ଜମ

ଉତ୍କଳ ସମାଗୁରୁ

ସମ୍ପାଦକୀୟ...

ସୋମବାର ୨୩ ନଭେମ୍ବର ୨୦୨୬

ଫଗୁଆରେ ପ୍ରାଣ

ସମସ୍ତଙ୍କର ହୃଦ୍‌ବୋଧ ହେଲାଣି ଯେ ପରୀ ଜାହାଣୀରେ କୁହାଯାଇଥିବା ଭଳି ସାତ ତାଳ ପାଣି ତଳେ ଯେତେ ନିଭୃତରେ ଥିଲେ ହେଁ ଦୂର ଓ ପହଞ୍ଚ ବାହାରେ ଥିବା ଫଗୁଆ ଭିତରେ ପ୍ରାଣପକ୍ଷୀ ସୁରକ୍ଷିତ ନ ଥାଏ ! ଭାରତୀୟ 'ଇଉ'ର ପିଣ୍ଡ ଏଠି ଥାଇ ପ୍ରାଣପକ୍ଷୀଟି ଚୀନ ହାତରେ ରହିବା ହେଉଛି ସେଇଠି ଏକ କଥା । ୨୦୩୦ ମସିହା ସୁଦ୍ଧା, ଭାରତରେ ଚଳାଚଳ କରୁଥିବା ମୋଟର ଗାଡ଼ି ସଂଖ୍ୟାର ୩୦ ଶତାଂଶ ଯେମିତି 'ଇଲେକ୍ଟ୍ରିକ ଭେଇକଲ' ବା 'ଇଭି' ରୂପ ଧାରଣ କରୁଥିବା ବେଳେ ସୁସମାଚାରଟିଏ ପହଞ୍ଚିଛି ଯେ 'ଇଭି' ବିକ୍ରିରେ ଏକ ତୀବ୍ର ବୃଦ୍ଧି ଦେଖିବାକୁ ମିଳୁଛି ; କେବଳ ଗତ ସେପ୍‌ଟେମ୍ବର ମାସରେ ଆମ ଦେଶରେ ୩୫,୦୦୦ 'ଇଭି' ବିକ୍ରି ହୋଇଛି । ଏହାର ଅର୍ଥ ଭାରତରେ ବିକ୍ରି ହୋଇଥିବା ସମସ୍ତ ଜାତ ସଂଖ୍ୟାର ୮ ଶତାଂଶ ଏବଂ ବାଇକ ସଂଖ୍ୟାର ୧୧ ଶତାଂଶ ହେଉଛି 'ଇଭି' । କେବଳ ସେତିକି ନୁହେଁ, 'ଇଭି' ବଜାରରେ ଚୀନା ଓ ଆମେରିକୀ (ଟେସଲା) ବ୍ରାଣ୍ଡର ଏକାଧିପତ୍ୟ ଭାଙ୍ଗି ଟାଟା ଓ ମହୀନ୍ଦ୍ର ଭଳି ଦୁଇଟି ଭାରତୀୟ କଂପାନି ସର୍ବାଧିକ ଇଭି ବିକ୍ରି କରିଥିବାରୁ ଉଲ୍ଲସିତ ହକଚର ମଧ୍ୟ ଶୁଭିଥିଲା ଯେ 'ଇଭି' ନିର୍ମାଣ ଭଳି ଏକ ଅପେକ୍ଷାକୃତ ନୂତନ କ୍ଷେତ୍ରରେ ଭାରତର ପାରଦର୍ଶିତା ପ୍ରଶଂସନୀୟ, ଯାହା 'ଆତ୍ମନିର୍ଭର ଭାରତ'ର ଏକ ନିଦର୍ଶନ । ତେବେ, ଏ ଧାରଣା ବେଶେ ଯୁକ୍ତିଯୁକ୍ତ ଏହାର ଉତ୍ତର ପାଇବା ଲାଗି ଏ ଂଫର୍ଭରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ଏହା ପ୍ରାୟ ସୁବିଦିତ ଯେ କୌଣସି 'ଇଭି'ର ପ୍ରାଣ ହେଉଛି ତା'ର ବ୍ୟାଟେରି ଓ ମୋଟର; ଏବଂ ବ୍ୟାଟେରିକୁ ଦୀର୍ଘସ୍ଥାୟୀ ଓ ଦକ୍ଷ କରିଥାନ୍ତି ଲିଥିୟମ 'ସେଲ' ତଥା ମୋଟରର ସର୍ବାଧିକ ମହତ୍ୱପୂର୍ଣ୍ଣ ଅଂଶ ହେଉଛି 'ରେଆର ଅର୍ଥ ମାଗନେଟ' ବା ବିରଳ ମୃତ୍ତିକାକୁ ପ୍ରସ୍ତୁତ ଦୂରଛ । ତେବେ, ଭଲ ହେଲା, ଉଭୟ ଲିଥିୟମ ଓ 'ରେଆର ଅର୍ଥ ମାଗନେଟ' ସକାଶେ ଚୀନ ଉପରେ ଭାରତ ସଂପୂର୍ଣ୍ଣ ନିର୍ଭରଶୀଳ । ଉଲ୍ଲେଖଯୋଗ୍ୟ ଯେ 'ଇଭି' ବ୍ୟାଟେରିରେ ବ୍ୟବହୃତ ଲିଥିୟମର ୮୦ ପ୍ରତିଶତ ଚାନରୁ ଆମଦାନି କରାଯାଇଥାଏ ଏବଂ 'ରେଆର ଅର୍ଥ ମାଗନେଟ' ସମ୍ବନ୍ଧୀୟ ତେ ?ଷୟିକ ଜ୍ଞାନ ଏବଂ ବହୁଳ ଉତ୍ପାଦନର ଡାଡ଼ ଏ ଯାବତ୍ ଚୀନର ଏକଚାଟିଆ ବ୍ୟାପାର ହୋଇ ରହିଛି । ମହୀନ୍ଦ୍ର ଦ୍ୱାରା ନିର୍ମିତ 'ଇଭି'ରେ ବ୍ୟବହୃତ ହୋଇଥାଏ ଚୀନା କଂପାନି 'ବିଓ୍ୱାଇଡି' ଦ୍ୱାରା ନିର୍ମିତ ଲିଥିୟମ ସେଲ ଏବଂ ଅଙ୍ଗଘଟିତ ହେଲା 'ବିଓ୍ୱାଇଡି' ମଧ୍ୟ ହେଉଛି ଏକ ସୁପ୍ତପର୍ବିଙ୍କ 'ଇଭି' ନିର୍ମାତା ଏବଂ ଭାରତରେ ମହୀନ୍ଦ୍ରର ଏକ ପ୍ରତିଦ୍ୱନ୍ଦ୍ୱୀ । ଏଭଳି ସ୍ଥଳେ ଏକ ବାସ୍ତବ ଅସ୍ତିତ୍ୱ ସୃଷ୍ଟି ହୋଇଥାଏ ଯେ ଚୀନ ଲଛା ଜଲେ ତା'ର ଯୋଗାଣ ଶୃଙ୍ଖଳକୁ ଂକୁଚିତ କରି ଭାରତୀୟ 'ଇଭି' ଉଦ୍ୟୋଗକୁ ପକ୍ଷାଘାତର ଶିକାର କରି ଦେଇପାରେ ବା କେବଳ ଧମକ ଦେଇ ଭାରତ ଉପରେ ଚାପ ମଧ୍ୟ ସୃଷ୍ଟି କରିପାରେ । ଜହିବା ବାହୁଲ୍ୟ ଯେ ୧୯୬୨ ମସିହା ପରଠାକୁ ଭାରତ ସହିତ ଶତ୍ରୁତା ପ୍ରଦର୍ଶନ କରି ଆସିଥିବା ଚୀନ ହାତରେ ଏହା ଏକ ଅସ୍ତ୍ର ! ସୁତରାଂ, ବିଶେଷଜ୍ଞମାନେ କହିଥାଆନ୍ତି ଯେ ବ୍ୟାଟେରି ଓ ମୋଟର ନିର୍ମାଣରେ ସ୍ୱାବଲମ୍ବୀ ନ ହେବା ପର୍ଯ୍ୟନ୍ତ ଭାରତରେ ଉଲ୍ଲାସ ବା ବୃଦ୍ଧିର ବିଶେଷ କୌଣସି ଭାରଣ ନ ଥାଏ । ଏହି ଂଫର୍ଭରେ ଭାରତ ମଧ୍ୟ ନିଜକୁ ଏକ ବିଦ୍ୟମିତ ସ୍ଥିତିର ପାଇଥାଏ । ଭାରଣ 'ଲିଥିକାଲ ମିନେରାଲ'ର ବିଶାଳ ପ୍ରାକୃତିକ ଭଣ୍ଡାର ଉପରେ ଭାରତ ବଣ୍ଟାୟମାନ ; ଯହିରେ ଚୀନ ଓ ବ୍ରାଜିଲ ପରେ ଭାରତର ସ୍ଥାନ ହେଉଛି ପୃଥିବୀରେ ତୃତୀୟ । ଉଲ୍ଲେଖଯୋଗ୍ୟ ଯେ ପ୍ରାୟ ୮.୫ ନିୟୁତ ମେଟ୍ରିକ ଟନ ଓଜନର 'ଲିଥିକାଲ ମିନେରାଲ' ଭାରତର ଭୂ-ଗର୍ଭରେ ଗଚ୍ଛିତ ହୋଇ ରହିଛି ; କେବଳ ଜାଣ୍ଟୁରର ସଲାଲ ହେମାନା ଅଂଚଳରେ ରହିଛି ପ୍ରାୟ ୫.୯ ନିୟୁତ ମେଟ୍ରିକ ଟନ ଓଜନ ପରିମିତ ଲିଥିୟମ । କିନ୍ତୁ, ସମସ୍ୟାଟି ହେଲା, ଖଣିଜ ପଥରରୁ ଏହି ଧାତୁର ନିର୍ଜଳ ନିଷ୍କାସନ ଆବଶ୍ୟକ କରିଥାଏ ଏକ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା ; ଯାହାର ମୂଳ ଜ୍ଞାନ ଓ ବିପୁଳ ଉତ୍ପାଦନର ସାମର୍ଥ୍ୟ ସଂପ୍ରତି କେବଳ ଚୀନ ନିକଟରେ ରହିଛି । ପ୍ରକାଶ ଥାଉ କି ବୈଷୟିକ ଜ୍ଞାନକୌଶଳର ଅଭାବ ହେତୁ, ଉତିମଧ୍ୟରେ, ଜାଣ୍ଟୁରରେ ଉପଲବ୍ଧ ଲିଥିୟମ ଉତ୍ତୋଳନର ଦୁଇଟି ପ୍ରୟାସ ଶୂନ୍ୟପ୍ରସୂ ହୋଇଛି । ପୁଣି, ଲିଥିୟମ ଉତ୍ତୋଳିତ ହୋଇଗଲେ ଯେ ସମସ୍ୟାର ସମାଧାନ ହୋଇଯିବ, ସେଭଳି ନୁହେଁ । ଏହାର ବିଶୋଧନ ଲାଗି ମଧ୍ୟ ଂଫୂର୍ତ୍ତ ରୂପେ ଚୀନ ଉପରେ ନିର୍ଭର କରିବାକୁ ହେବ, ଯେଉଁ ପ୍ରାବିଧିକ ଜ୍ଞାନ କେ ?ଣସି ବାହାର ରାଷ୍ଟ୍ରକୁ ହସ୍ତାନ୍ତର କରିବା ଲାଗି ଚୀନ ଆଦୌ ପ୍ରସ୍ତୁତ ନୁହେଁ । କେବଳ ଏତିକି ନୁହେଁ, ତା' ସହିତ, ଆମ ଦେଶରେ ରହିଥାଏ, ଖଣି ଖନନ ସକାଶେ ଜମି ଅଧିଗ୍ରହଣ, ପାରିବେଶିକ ମଂଜୁରି, ସ୍ଥାନୀୟ ଜନସାଧାରଣଙ୍କ ପ୍ରତିକ୍ରିୟା ଇତ୍ୟାଦି ଂଫ୍ରାନ୍ତ ଅନେକ ଆହ୍ୱାନ । ସୁତରାଂ, ବିରଳ ଜଳମଂଗଳର ବିପୁଳ ଭଣ୍ଡାର ଥିବା ସତ୍ତ୍ୱେ ତା'ର ସଦୁପଯୋଗ ଅଭାବରୁ ପର ନିର୍ଭରଶୀଳ ହେବା ଭଳି ଦୁର୍ଯୋଗ ମଧ୍ୟ ଭାରତ ଭୋଗୁଛି । ଅବଶ୍ୟ, ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି, ଏ ବିଗରେ ଆତ୍ମନିର୍ଭରଶୀଳତା ସକାଶେ, ସରକାରଙ୍କ ପକ୍ଷରୁ ଜେତେକ ନୀତିଗତ ନିଷ୍ପତି ନିଆଗଲାଣି, ଯହିରେ ବିଦେଶୀ ଖଣି ଅଧିଗ୍ରହଣ ସକାଶେ ଉଦ୍ୟମ ଅଙ୍ଗର୍ଭୁକ୍ତ । ଏହି ପ୍ରକ୍ରିୟାରେ 'ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ' ବା 'ଭାବିଲ' ଅଧୀନରେ ଆର୍ଜେଂଟାରେ ୬ଟି ଲିଥିୟମ ବ୍ଲକ ନେଇ ରାଜିନାମା ସ୍ୱାକ୍ଷରିତ ହୋଇଛି । ସେମିତି ସ୍ପବ୍ଦୀ 'ଇଭି' ବ୍ୟାଟେରି ନିର୍ମାଣ ସକାଶେ 'ଏକସାଇଡ' ଓ 'ଟାଟା ଅପରଟାସ' ପକ୍ଷରୁ ଯଥାକ୍ରମେ ବେଙ୍ଗାଲୁରୁ ଓ ଗୁଜରାଟର ସାନନ୍ଦ ଠାରେ ଦୁଇଟି କାରଖାନା ଗଢ଼ି ଉଠିଛି । କିନ୍ତୁ ଏହି ଦୁଇଟି ଯାକ ବିଷୟରେ ମଧ୍ୟ ଚୀନର ପ୍ରଭାବ ବଜବତର ରହିବ; କାରଣ ଲିଥିୟମର ବିଶୁଦ୍ଧୀକରଣ ଓ ବ୍ୟାଟେରି ସେଲ ନିର୍ମାଣର ପ୍ରଯୁକ୍ତିରେ ଚୀନର ଭୂମିକା ରହିବ। ତେବେ, ଆଉ ଗୋଟିଏ ପବଷେପ ହେଉ ଭାରତ ଏ କ୍ଷେତ୍ରରେ ଆଂଶିକ ସ୍ୱାବଲମ୍ବୀ ହୋଇପାରେ; ଯାହା ହେଲା ପରିତ୍ୟକ୍ତ ପୁରୁଣା ବ୍ୟାଟେରିରୁ ସେହି ସବୁ ଧାତୁର ଂଫୁତ୍ତ । ନିଜରେ ଜେନ୍ଦ୍ର ବ୍ୟାଟେରିରେ ପକ୍ଷରୁ ଏ ଂଫ୍ରାନ୍ତରେ ଏକ ନିଷ୍ପତି ମଧ୍ୟ ନିଆଗଲାଣି । କହିବା ବାହୁଲ୍ୟ, ଭାରତରେ ଏଭଳି ବ୍ୟାଟେରିର ଏକ ବିଶାଳ ଗରା ସୁନିଶ୍ଚିତ ଭାବେ ଉପଲବ୍ଧ। ତେବେ, ଏ ସବୁକୁ ବୃଦ୍ଧିରେ ରଖି ବିଶେଷଜ୍ଞମାନେ ଆକଳନ କରନ୍ତି ଯେ ଏ କ୍ଷେତ୍ରରେ ସଂପୂର୍ଣ୍ଣ ସ୍ୱାବଲମ୍ବୀ ହେବା ଲାଗି ଭାରତକୁ ଗୋଟିଏ ଦଶନ୍ଧିରୁ ଅଧିକ କାଳ ଲାଗି ଯାଇପାରେ। ବ୍ୟାଟେରି ଚାଳିତ 'ଇଭି'ର ଏକ ବଡ଼ ସୁସୁଗ ହେଲା, ଯୋଗାଣ ଶୃଙ୍ଖଳରେ ଅସୁବିଧା ଜନିତ, ପେଟ୍ରୋଲ ବା ଡିଜେଲ ଚାଳିତ ଯାନଗୁଡ଼ିକ ଭଳି ଆଶୁ ଂଫଟର ସମ୍ଭାଖୀନ ହେବ ନାହିଁ; କାରଣ ଦୀର୍ଘସ୍ଥାୟୀ ବ୍ୟାଟେରିଗୁଡ଼ିକ ସେଗୁଡ଼ିକୁ ଅନେକ ବର୍ଷ ପର୍ଯ୍ୟନ୍ତ ଅନାୟାସରେ ଚଳନଶୀଳ କରି ରଖିବେ।

'ତଥ୍ୟାଗାର'ର ଏପାଖ, ସେପାଖ

ସରୋଜ କୁମାର ସାମଲ

ସପ୍ତମ ଦଶକର ଶେଷ ଯାଏ ଆମ ରାଜ୍ୟର ଜେଉଁ ଜେଉଁ ପଡ଼ାଅଞ୍ଚଳରେ ଅପେକ୍ଷାକୃତ ଉଚ୍ଚ ସିମେଂଟ ଜାତୁ ଓ ଟିଣ ଛାତର ଘର ଏକଦ ଲାଟରେ ଛିଡ଼ା ହୋଇଥିଲା; ଯାହା ଥିଲା ଫସଲର ନିରାପଦ ଂଫରକ୍ଷଣ ପାଇଁ ଶସ୍ୟାଗାର ବା ଗ୍ରେନ ଗୋଲା। ବର୍ଦ୍ଧିଷ୍ଣୁ ବ୍ୟବସାୟର ଚାହିଦା ପାଇଁ ଉଭୟ ସରକାରୀ ଓ ଘରୋଇ ଉଦ୍ୟୋଗରେ ଅଧିକରୁ ଅଧିକ ତିଆରି ହେଲା ପଣ୍ୟାଗାର। ପୁଲିସ ଓ ସେନା ପାଇଁ ଏ.ସ.ଓ.ଏସ. (ଯେତେବେଳେ ଦରକାର)ର ଘର ହେଲା ଅସ୍ତ୍ରାଗାର। ବିଦ୍ୟାର୍ଥୀ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଏହିଭଳି ଦୁଇଟି ପ୍ରତିଷ୍ଠାନ ହେଉଛି ପାଠର ଘର ପାଠାଗାର ଓ ଗବେଷଣା ତଥା ଅନୁଶୀଳନର ପ୍ରକୋଷ୍ଠ ଗବେଷଣାଗାର। ଏ ସବୁର ମୂଳ ପିନ୍ଧ ହେଉଛି ଂଫୁତ୍ତ, ଭଣ୍ଡାରଣ ଓ ଂଫରକ୍ଷଣ। ସେହିଭଳି ଏବେ ଉଭା ହେଲେଣି ପ୍ରଜ୍ଞାତ ତଥ୍ୟାଗାର ବା ଡେଟା ସେଂଟର। ସାଇବା ଧନର ସୂଟି ଭିତରେ ବର୍ତମାନ ତଥ୍ୟର ଜାଗା ସର୍ବାଗ୍ରେ। ପ୍ରଯୁକ୍ତିଗତ ସୂଚନା ରକ୍ଷଣର କେନ୍ଦ୍ର ହେଉଛି ଏହି ତଥ୍ୟାଗାର। ଜଂଗ୍ୟୁଟର, ସର୍ଭର, ନେଟୱାର୍କିଂ ସରଞ୍ଜାମ, ଫାଇବର ଜେବଲ, ପ୍ରତିଜିପି ପ୍ରକ୍ରିୟାକରଣ (ଜିପିୟୁ), ଯୋଗାଯୋଗ ବିଜ୍ଞାନର ପ୍ରଯୁକ୍ତିଗତ ଯନ୍ତ୍ରାଂଶ, ଅନୁପ୍ରବେଶ ଓ ଦୂଷଣ ନିରୋଧୀ ବଳୟର ସରଞ୍ଜାମ- ଏସବୁ ହେଉଛି ସମୁଦାୟ ଅବୟବର ଗୋଟିଏ ଗୋଟିଏ ଅଂଶ। ଶରୀରର ହୃତ୍‌ସ୍ପନ୍ଦନକୁ ଅବିରତ ଖଖିବା ପାଇଁ ଦରକାର ୨୪ଘଂଟ ପ୍ରଭୂତ ବିଜୁଳି ସରବରାହ। ଶତ୍ରିର ଅବରତ ବିନିଯୋଗରୁ ଅନାବଶ୍ୟକ ଉପ-ଉତ୍ପାଦ ହେଉଛି, ତାପ। ଉଜାପର ନିୟନ୍ତ୍ରଣ ପାଇଁ ଦରକାର, ଶୀତଳ ବାୟୁ ଂଫରଣ ଦ୍ୱାରା ତାପର ଅବଶୋଷଣ ଏବଂ ଅବଶୋଷିତ ତାପର ନିର୍ଗମନ। ପୁଣି ବାୟୁର ଶୀତକାରଣ। ଏହା ଗୋଟିଏ ତବିଶଯଟିଂଆ ଚକ୍ର। ଏଥିପାଇଁ ଉପଯୋଗୀ ପ୍ରକ୍ରିୟା ହେଉଛି ଜଂଗ୍ୟୁଟର ପ୍ରକୋଷ୍ଠର ତାପ ଓ ଆର୍ଦ୍ରତା ନିୟନ୍ତ୍ରଣ ପାଇଁ ଉଚ୍ଚ କ୍ଷମତାଂଫପନ୍ନ ଶୀତଳୀକରଣର ପ୍ରଯୁକ୍ତି (ଏୟାର କଣ୍ଡିସନିଂ) ଏବଂ ଜଳଲଗ୍ନଭିତ୍ତିରେ ହିମଶୀତଳ ପାଣିର ପ୍ରବାହ ଦ୍ୱାରା ସର୍ଭର ରୁମ୍‌ରେ ତାପର ହ୍ରାସ ଓ ନିୟନ୍ତ୍ରଣ। ଏଠାରେ ଏସବୁ ଉଲ୍ଲେଖ କରିବାର ଉପଲକ୍ଷ୍ୟ ହେଉଛି, ସେହି ପ୍ରଶ୍ନର ଉତର ଖୋଜିବା, ଯାହା ହେଲା ସାଂପ୍ରତିକ 'ନେଟଗ୍ଲାର୍ଡ' ପୃଥିବୀରେ ଆର୍ଜେଂଟିକ ଂଫପଡି ରୂପେ ପରିଗଣିତ ଏହି ଭିତିଭୂମିଗୁଡ଼ିକ ସ୍ଥାନୀୟ ବିବେଚନାରେ ଂଫପଡ ହୋଇପାରିବ ନା ନାହିଁ ? ତେବେ, ତଥ୍ୟ ବା ଡେଟା ହେଉଛି ଏହି ପ୍ରତିଷ୍ଠାନଗୁଡ଼ିକର ଆତ୍ମା। ସବୁ ପରିଶୋଳନାର ମୂଳ ଆଧାର ତଥ୍ୟର ପରିଧିବ୍ଦ୍ଧ, ଯଥା ତଥ୍ୟ, ଅତଥ୍ୟ, ତଥ୍ୟ ବହୁଳତା, ଏପରିକି ତଥ୍ୟହୀନତା। ସାମାଜିକ ପ୍ରକ୍ରିୟା ଓ ପ୍ରବର୍ତନ ନିଜ ନିଜ ସ୍ତର ଓ ଧାଡ଼ିରେ ତଥ୍ୟ ଆଶ୍ରୟୀ। ଯୋଜନାରିନିକ ପ୍ରଗତିକାମୀ ଶାସନ ବ୍ୟବସ୍ଥାର ମୂଳ ପାହାଚ ହେଉଛି ସମ୍ଭାବ ଂଫଗ୍ରହଣ ଏବଂ ତଥ୍ୟର ପ୍ରୟୋଗ ଅଭିମୁଖୀ ବିନ୍ୟାସ। ସେଥିପାଇଁ ଡେଟା ସବୁବେଳେ ଏକ ଅସ୍ତ୍ର। ଏକ ନାୟକବାଦୀ ବ୍ୟବସ୍ଥା ବା ଗଣତାନ୍ତ୍ରିକ ଢାଡ଼ାଂ ସବୁଠି ତଥ୍ୟର ଗୁରୁତ୍ୱ ଅତୁଟ। ସେହି ପରିପ୍ରେକ୍ଷୀରେ ଏହି ଆଲୋଚନାର ପ୍ରସଙ୍ଗ ହେଉଛି ତଥ୍ୟ ସନ୍ଧାନୀ ଜାଲର ବ୍ୟାପ୍ତି ଓ ତା'ର ପ୍ରଭାବ। ଏହି ସନ୍ଧାନୀ ଦୃଷ୍ଟିରେ ବ୍ୟକ୍ତି ଏଭଳି ତୀବ୍ର ବାଞ୍ଛାରର ଶରବଧ ସେ ହୋମୋସାପିଏନ୍‌ର ଗଢ଼ର ଭିତରେ ମଧ୍ୟ ଯେମିତି ଭୌଗୋଳିକତା ଆଧାରରେ ନୂଆ ନୂଆ ଜାତିମାନ ଛିଡ଼ା ହେଉଛନ୍ତି, ଯଥା- ହୋମୋ-ଆମେରିକସ୍, ହୋମୋ-ସୋଭିଏଟିକସ୍, ହୋମୋ-ଚାଇନର୍, ହୋମୋ-ଇଣ୍ଡିକା ଇତ୍ୟାଦି ! ମାନବ ସମାଜ ଜାତୀୟତାବାଦ ଦ୍ୱାରା ବିଭାଜିତ। ଏଣେ, ସରକାରୀ କ୍ଷେତ୍ର, ଉପକ୍ଷେତ୍ର ବାହାରେ, ସୋସିଆଲ ମିଡିଆ ବିରାଡ଼ ବିସ୍ତାରୀ। ପ୍ରତ୍ୟେକ ନାଗରିକ ନିଜେ ସଂଗ୍ରାହକ, ବିଶ୍ଳେଷକ, ଉପସ୍ଥାପକ ଓ ଶୋଷରେ ବିଚରକ। ଯୁଦ୍ଧୟୁକ ନାଗରିକାକରଣରେ ଭୌଗୋଳିକ ସୀମାରେଖା ଦ୍ରବୀଭୂତ; ଏବଂ ରୋଜଗାର, ନିଶା, ସୁଅଭ୍ୟାସ, ମଦ ଅଭିଳାଷର ଏକ ଜନାକୀର୍ଣ୍ଣ ପ୍ଲାଟଫର୍ମରେ ପରିଣତ ହୋଇଛି ଯୁଟ୍ୟୁବ। ସାମ୍ବାବିକ ମାକ୍‌ସ ଫିସର୍ ଏହି ଅନିୟନ୍ତ୍ରିତ ଭିଡ଼ର ମାଧମକୁ 'ଦି ଜେଓ୍ୱସ୍ ମେସିନ' ଭାବରେ ଆଖ୍ୟାୟିତ କରିଛନ୍ତି। କିନ୍ତୁ ଉତ୍‌ବେଗର କଥା ହେଲା, ସେହି ଜାଓ୍ୱ ବା ନୈରାକ୍ୟ ଭିତରେ ବିପୁଳ ସରକାରୀ ତଥ୍ୟର ଗଚ୍ଛି ମଧ୍ୟ ରହିଛି। ପୃଶାସନର ଚାବିକାଠି ହେଉଛି, ସବୁ ସ୍ତରରେ ସଫଳ ଶିକ୍ଷା ବ୍ୟବସ୍ଥା ଏବଂ ଜନସାସ୍ଥ୍ୟର ସାଫଲ୍ୟ। ଶିକ୍ଷାରେ ଆରମ୍ଭ ପାହାଚର ଜ୍ଞାନାର୍ଜନ, ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦ୍ୟାଲୟ ପରିତ୍ୟାଗର ହାର, ସେମାନଙ୍କ ସମସ୍ତାନ ଏବଂ ଉଚ୍ଚ ସ୍ତରରେ ଗବେଷଣା ପ୍ରତି ଆଗ୍ରହ ଓ ଉତ୍‌କର୍ଷ। ସେହିଭଳି ସାର୍ବଜନୀନ ସ୍ୱାସ୍ଥ୍ୟର ମୂଳ କଥା ହେଉଛି ସାମାଜିକ ସ୍ତରରେ ରୋଗର ନିରୀକ୍ଷଣ, ଜୀବନଶୈଳୀ ?ଜା ଉଦ୍ଭତ ଅଣଂଫଗ୍ରାମକ ରୋଗ ଆଦିର ପ୍ରାଥମିକ ଯାଂଚ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଂଫକ୍ରାନ୍ତ ତଥ୍ୟର ଂଫୁତ୍ତ, ପଞ୍ଜୀକରଣ ଓ ତା'ର ଅନୁଶୀଳନ। ଏ ସବୁର ତଥ୍ୟ-ଜରଣ ହେବା ଅତ୍ୟନ୍ତ ଜରୁରି। ଏଥି ଲାଗି ଦରକାର ନେଟୱାର୍କିଂ, ତଥ୍ୟର ଅନଲାଇନ ପଞ୍ଜୀକରଣ, ତଥ୍ୟର ଏକତ୍ରୀକରଣ, ବିଶ୍ଳେଷଣର ଏଂ ସର୍ବୋପରି ଯୋଜନାର ପ୍ରଯୁକ୍ତି ଏବଂ କାର୍ଯ୍ୟାନ୍ୱୟନ। ସଫଳତା ପାଇଁ ଦରକାର ଜେ ?ଣକ, ନିୟମିତ ନିରୀକ୍ଷଣ ଏବଂ ହିତାଧିକାରୀଙ୍କ ମତାମତ ଂଫଗ୍ରହ। ସେଥିପାଇଁ ସରକାରୀ ଉଦ୍ୟୋଗରେ ଡେଟାର ତନ୍ତ୍ର ଓ ସ୍ଥାପତ୍ୟ ଅପରିମିତ ହେଇାଣି; ଆଜିଯୁ ଆହୁରି ବିସ୍ତାରିତ ହେବା ନିଧାର୍ଯ୍ୟ। ସୁଖର ହେଉ ବା ଖାଣ୍ଡିରେ ଡିଜିଟାଲ ତଥ୍ୟ ଅମୋଘ ଅସ୍ତ୍ର ହେଇାଣି। ବୈଦେଶିକ ନୀତିକାରମାନେ ତଥ୍ୟର ଅସ୍ତ୍ରୀକରଣ ବୋଲି ନୂଆ ଏକ ଅଭିବ୍ୟକ୍ତିର ଅବତାରଣା କରୁଛନ୍ତି। ଇଂଟରନେଟ, ଟେଲିକମ୍- ସଭ୍ୟତା ଯାତ୍ରାର ଗୋଟିଏ ଗୋଟିଏ ଅଧ୍ୟାୟ। ଏକଦା ଂଫନ୍ତ୍ରୀକ ଭାବେ ବିବେଚିତ ଏହି ସବୁ ପ୍ରଯୁକ୍ତିର ଗଣତନ୍ତ୍ରୀକରଣ ହୋଇସାରିଲାଣି। ଭାରତର ପଚିଶ ବର୍ଷରୁ ଜସ୍ ୬୫ ଛୋଟିଙ୍କ ମଧ୍ୟରୁ ଅନ୍ୟୂନ ଦୁଇ-ତୃତୀୟାଂଶଙ୍କର ଏହି ସବୁ ସାଧନ ହସ୍ତ ମୁଠି ମାହାଲ ହେତାକୁ ଯାଉଛି। ସେଥିପାଇଁ ସ୍କେଲ୍‌ଟ୍ରମ ପାଇଁ ତୀବ୍ର ବାଣିଜ୍ୟିକ ପ୍ରତିଯୋଗିତା। ଜେଉଁ ଦିନ ଓଡ଼ିଆ ଜବି ବିପିନ ନାୟକ ଦେଖିଥିଲେ, ''ଆକାଶ ସାରା ଚେଣା, ଚେଣା ସାରା ଆକାଶ...''; ଆଜି ହୁଏତ ସେଠି କବି ଚକ୍ଷୁ ଦେଖୁଥିଆନ୍ତା ''ଇଣ୍ଟରନେଟ ତଥ୍ୟର ଶବ୍ଦାୟିତ ସମାରା।'' ଏ.ଆଇ.ର ପ୍ରାବନ ମଧ୍ୟ ଆସୁଛି। ଡେଟା ଓ ଭାଷାର କୌଶଳକୁ ନେଇ 'ଲାଙ୍ଗୁଏଜ ମଡେଲ' ତିଆରି ହେଉଛି। ଗୋଟିଏ ରାଜନୈତିକ ଭୂଗୋଳରେ ତିଆରି ମଡେଲ, ଅନ୍ୟକୁ ପ୍ରଭାବିତ କରୁଛି ଓ କରିବ। ପୁଣି ସବୁ ଦେଶ ଂଫଟାର ଓ ବିଆନିଆର ପରିମଣ୍ଡଳରେ ଯୋଡ଼ାଯୋଡ଼ି ! ଏ.ଆଇ. ଡାଟା ଓ ଭବି ଉପରେ ନିଜର ସ୍ୱାର୍ଥଜନିତ ନିୟନ୍ତ୍ରଣ ପାଇଁ ବର୍ତମାନ ସାର୍ବଭୌମତ୍ୱର ପ୍ରଶ୍ନ ଉଠିଛି। କୃତ୍ରିମ ବୁଦ୍ଧିମତ୍ତାର ମଡେଲ ଦ୍ୱାରା ଅନ୍ୟୟ ତଥ୍ୟ କ୍ଷେତ୍ରକୁ ଅନୁପ୍ରବେଶ କରାଯାଉଛି। ଡିଜିଟାଲ ସାମ୍ରାଜ୍ୟବାଦକୁ ରୋକା ନ ଗଲେ ତାହା ସର୍ବଗ୍ରାସୀ ହେବ। ବିଶେଷ ଜରି, ଡିଜିଟାଲ ଇକୋନୋମିର ଏକଦ୍ୱବାଦୀ କ୍ଷେତ୍ରରେ ତଥ୍ୟ ସାର୍ବଭୌମତ୍ୱର ସୀମା ନିର୍ଦ୍ଧାରିତ ହେବା ଦରକାର। ସେଥିପାଇଁ ନିଜ ନିଜର ମଡେଲ ବିକାଶ ସହ ତଥ୍ୟ ଂଫରକ୍ଷଣ ପାଇଁ ଭିତିଭୂମିର ଆବଶ୍ୟକତା ଅଛି। ଅର୍ଥ ବା ବିତ ଂଫଜ୍ଞାନ ଭାରତର ଲାଗି ଉଚ୍ଚିଷ୍ଟ ପ୍ରଯୁକ୍ତିବିତ୍ୟା (ଫିନଟେକ) ପାଇଁ ଏହା ଜରୁରି। କ୍ଷୁଦ୍ର ଜଳଜଗତର ଡେଟା ସେଂଟରର ଜନ୍ୟ ଆବ୍ୟ ନବମ ଦଶକରୁ। ଇଂଟରନେଟ, ଇ-ମେଲ, ଅନଲାଇନ ଭାରବାର ଏବଂ ଓ୍ୱେବସାଇଟର ଉପଯୋଗର ବଢ଼ିଲା ଦିନଠାରୁ ବାଣିଜ୍ୟିକ ତଥ୍ୟ କେନ୍ଦ୍ରର ଉତ୍ପତ୍ତି। ଜ୍ରମଶଃ ଇ-କମର୍ସ, ଅନଲାଇନ ବ୍ୟାଙ୍କିଂ, ସାମାଜିକ ଗଣମାଧମର ବହୁଳ ବ୍ୟବହାର ପାଇଁ ଦରକାର ହେଲା ଦୂରବର୍ତୀ ସର୍ଭର ମାଧମରେ 'କ୍ଲାଉଡ୍ କମ୍ପ୍ୟୁଟିଂ'; ତଥ୍ୟ ଂଫରକ୍ଷଣ ଓ ପ୍ରକ୍ରିୟାକରଣ। ଚଳିତ ଶତାବୀର ଦ୍ୱିତୀୟ ଦଶକରୁ ଅତି ଉଚ୍ଚ କ୍ଷମତାଂଫପନ୍ନ ଡେଟା ସେଂଟରର ଆବଶ୍ୟକ ହେଲା। ଶତ୍ରିର ପ୍ରଭୂତ ବିନିଯୋଗ ଦୃଷ୍ଟିରୁ ତବୀକରଣୀୟ ଉତ୍ତର ଉପଯୋଗ, ଉନ୍ନତ ଶୀତଳୀକରଣ ବ୍ୟବସ୍ଥା ଯଥ୍ୟାଦି ବର୍ତମାନ ଅବଧାର୍ଯ୍ୟ ହୋଇଯାଇଛି। ୨୦୨୦ ପରେ ପରେ ଏ.ଆଇ.ର ପ୍ରାଥମିକତା ପରିପ୍ରେକ୍ଷୀରେ ଗୋପନୀୟତା, ପେମେଂଟ ଗେଟ୍‌ୱେରେ ଟଙ୍କା ଜାତବାରର ନିର୍ଭୁଲତା ପାଇଁ ସାଇବର ନିରାପତାର ଗୁରୁତ୍ୱ ବଢ଼ିଛି। ଡେଟା





ରୋହିତ ପୂଜାରୀଙ୍କ ବିରୋଧରେ ଭିତିହୀନ ଆକ୍ଷେପକୁ ବିଜେଡିର ଦୃଢ଼ ନିନ୍ଦା

ସମ୍ବଲପୁର,୨୨/୧୧(ନି/ପ୍ର): ବିଜେପିର ଜଣେ ସାଧାରଣ କର୍ମୀଙ୍କ ପକ୍ଷରୁ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀଙ୍କ ବିରୋଧରେ ଆଣିଥିବା ଅଭିଯୋଗକୁ ସମ୍ବଲପୁର ବିଜେଡି ଦୃଢ଼ ନିନ୍ଦା କରିଛି। ଏନେଇ ବିଜେଡି ମହାନଗର ସଭାପତି ବସନ୍ତ ମିଶ୍ର, ଜିଲ୍ଲା ଉପସଭାପତି ସୁଭୁତାଚାର୍ଯ୍ୟ ମେହେର, ସତ୍ୟେନ୍ଦ୍ର ଦାସ ଏବଂ ସାଧାରଣ ସମ୍ପାଦକ ରାକେଶ ମିଶ୍ର ପ୍ରମୁଖ ଏକ ମିଳିତ ପ୍ରେସ ବିବୃତିରେ ଏହି ଆକ୍ଷେପଗୁଡ଼ିକୁ ସମ୍ପୂର୍ଣ୍ଣ ଭିତିହୀନ ବୋଲି କହିଛନ୍ତି। ବିଜେପି କର୍ମୀଙ୍କ ପକ୍ଷରୁ ରୋହିତ ପୂଜାରୀଙ୍କ ନାମରେ ଏନଏଲସିଓ ଆବାନୀ କମ୍ପାନୀ ସହମିଶି ଲୋଇଲା ଚୋରି, ପାଞ୍ଚଁ ପରିହନ ଏବଂ ଆଦିବାସୀ ଜମି ହଡ଼ପ ଭଳି ଅଭିଯୋଗ ଆଣିଥିବା ବେଳେ, ଏହାର ଜବାବରେ ବିଜେଡି ନେତାମାନେ କହିଛନ୍ତି ଯେ, ଯଦି ପ୍ରକୃତରେ ଏଭଳି ଅନୀତି ହେଉଛି, ତେବେ ତାହାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହାସହ ଏନଏଲସି ଓ ଆବାନୀ କମ୍ପାନୀକୁ ବ୍ଲାକଲିଷ୍ଟ କରି କାର୍ଯ୍ୟ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି ଯେ, ଜୟନାରାୟଣ ମିଶ୍ରଙ୍କ ପ୍ରରୋଚନାରେ ରୋହିତ ପୂଜାରୀ ଓ ବିଜୁ ଜନତା ଦଳକୁ ବଦନାମ କରିବା ଉଦ୍ଦେଶ୍ୟରେ ଏଭଳି ମିଥ୍ୟା ଓ ଭିତିହୀନ ପ୍ରଚାର କରାଯାଉଛି। ଅତଂଳବାସୀଙ୍କ ଯଥାର୍ଥ ଦାବିକୁ ସମ୍ମାନ ଜଣାଇ ତାହାର ଶୀଘ୍ର ସମାଧାନ କରାଗଲେ ସାଧାରଣ ଲୋକେ ଉପକୃତ ହେବେ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏହାସହ ବିଧାୟକଙ୍କ ଉଦ୍ଦେଶ୍ୟରେ ବିଜେଡି ନେତାମାନେ କହିଛନ୍ତି ଯେ, ଅତଂଳବାସୀଙ୍କ ଦାବି ପୂରଣ କରିବାର ଦାୟିତ୍ୱ ତଥା ଲଞ୍ଜିନ ସରକାର ଏବଂ ଏନଏଲସି-ଆବାନୀ କମ୍ପାନୀ ଉପରେ ରହିଛି। ତେଣୁ ଲୋକଙ୍କ ଦାବି ପୂରଣ ନକରି ଆହ୍ୱୋଳନରେ ବସିବାର କୌଣସି ଯଥାର୍ଥତା ନାହିଁ। ଲୋକଙ୍କୁ ଅସଥାରେ ଭ୍ରାଂ ବୁଝାର ମିଥ୍ୟା ପ୍ରଚାର କରିବାକୁ ବିରତ ରହିବାକୁ ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି।

ବାତ୍ୟା ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ଭେଟିଲେ ବିଧାୟକ

ବେଲାଜ,୨୨।୧୧ (ନି/ପ୍ର):ରାଜ୍ୟ ସରକାର ସାମ୍ଭାବ୍ୟ ବାତ୍ୟା ଅଢଇନକୁ ମୁକାବିଲା କରିବା ପାଇଁ ବ୍ୟାପକ ଓ ବୃହତ ପଦକ୍ଷେପ ଗ୍ରହଣ କରିଥିଲେ । ଅସୁରକ୍ଷିତ ଅଂଚଳରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନ ବାତ୍ୟା ଆଶ୍ରୟସ୍ଥଳି ଏବଂ ପଛାପର ବିଦ୍ୟାଳୟ ଗୃହକୁ ସ୍ଥାନାନ୍ତରିତ କରାଯାଇଥିଲା । ବେଲାଜ ବ୍ଲକରେ ସ୍ଥାୟୀ ଓ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳି ୧୪ଟି ସେଂଟରରେ ଲୋକମାନଙ୍କୁ ସୁରକ୍ଷିତ ଭାବେ ରଖାଯାଇଥିଲା ।

ସମ୍ବଲପୁର ଜିଲ୍ଲା ପର୍ଯ୍ୟଟନ ନିବେଶକ ସମ୍ମିଳନୀ-୨୦୨୬



ସମ୍ବଲପୁର, ୨୨/୧୧(ନି/ପ୍ର): 'ଇନଭେଷ୍ଟ ଇନ୍ ସମ୍ବଲପୁର, ଇନଭେଷ୍ଟ ଇନ୍ ଅପର୍ଚୁନିଟିଜ୍' ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ସମ୍ବଲପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଡପସ୍ପିନୀ ପ୍ରେକ୍ଷାଳୟ ଠାରେ 'ସମ୍ବଲପୁର ଜିଲ୍ଲା ପର୍ଯ୍ୟଟନ ନିବେଶକ ସମ୍ମିଳନୀ' ଫଳପ୍ରଦାର ସହ ଅନୁଷ୍ଠିତ ହୋଇଯାଇଛି । 'ଇନଭେଷ୍ଟ ଇନ୍ ସମ୍ବଲପୁର, ଇନଭେଷ୍ଟ ଇନ୍ ଅପର୍ଚୁନିଟିଜ୍' ବାର୍ତ୍ତା ନେଇ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜିନିବେଶର ଅପାର ସମ୍ଭାବନା ଉପରେ ଆଲୋଚନା କରାଯାଇଥିଲା । ସମ୍ବଲପୁର ଜିଲ୍ଲାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହାସିକ ଜାତିରାଜି, ଆଧ୍ୟାତ୍ମିକ ପୀଠ ଯଥା ମା' ସମଲେଶ୍ୱରୀଙ୍କ ପୀଠ, ହୁମା ବନ୍ତ ମନ୍ଦିର ଏବଂ ବିଶ୍ୱପ୍ରସିଦ୍ଧ ହୀରାକୁଦ ଜଳଭଣ୍ଡାର ଆଦି ପର୍ଯ୍ୟଟନ ସୁଜାଗୁଡ଼ିକର ଭିତିଭୂମି ବିକାଶ ପାଇଁ ପୁଞ୍ଜିନିବେଶକମାନଙ୍କୁ ଆକୃଷ୍ଟ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ନୀତି ଅଧାନରେ ନିବେଶକମାନଙ୍କୁ ମିଳୁଥିବା ବିଭିନ୍ନ ରିହାତି, ପ୍ରୋତ୍ସାହନ ଏବଂ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା । ଜିଲ୍ଲାରେ ହୋଟେଲ, ରିସର୍ଟ, ଇକୋ-ଟୁରିଜିମ୍ ଏବଂ ଜଳକ୍ରୀଡ଼ା କ୍ଷେତ୍ରରେ ପୁଞ୍ଜିନିବେଶ କରି ସ୍ଥାନୀୟ ଯୁବଜଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ସମ୍ବଲପୁରକୁ ଏକ ପ୍ରମୁଖ ପର୍ଯ୍ୟଟନ ହବ୍ ଭାବେ ଗଢ଼ିତୋଳିବାକୁ ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ବିନୋଦ କୁମାର ଜେନା ସମ୍ବଲପୁର ସମେତ ପଡ଼ୋଶୀ ବରଗଡ଼, ଦେବଗଡ଼, ଝାରସୁଗୁଡ଼ା ଏବଂ ସୁବର୍ଣ୍ଣପୁର ଜିଲ୍ଲାରୁ ଆସିଥିବା ନିବେଶକ ତଥା ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ସେ କହିଥିଲେ ଯେ, ଓଡ଼ିଶା ସରକାର ପର୍ଯ୍ୟଟନକୁ ଅର୍ଥନୈତିକ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବାର ଏକ ପ୍ରମୁଖ ମାଧ୍ୟମ ଭାବେ ବିବେଚନା କରୁଛନ୍ତି। ରାଜ୍ୟରେ ଇକୋ-ଟୁରିଜିମ୍, ଐତିହ୍ୟ, ସାଂସ୍କୃତିକ, ଧାର୍ମିକ, ଦୁଃସାହସିକ, ୱେଲନେସ୍, ଆତିଥ୍ୟ ଭିତ୍ତିଭୂମି ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଛି । ବିଶେଷ କରି ପଶ୍ଚିମ ଓଡ଼ିଶାର ଏହି ୫ଟି ଜିଲ୍ଲାରେ ପର୍ଯ୍ୟଟନର ଅନେକ ଅନୁକ୍ଷେତ ସମ୍ଭାବନା ରହିଛି । ଓଡ଼ିଶା ପର୍ଯ୍ୟଟନ ନୀତି ଅଧୀନରେ ଘରୋଇ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ପୁଞ୍ଜି ନିବେଶ ସବସିଡ଼ି କ୍ଷେତ୍ର-ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ ଏବଂ କାର୍ଯ୍ୟକଳାପ ଓ ଶୈକ୍ଷିକ ସଫଳତାର ପ୍ରଶଂସା କରିଥିଲେ। ଏହି ଅବସରରେ ଡ. ନିତୁପମା ସାହୁ ଓ ଡ. ସାରଦା ପ୍ରସନ୍ନ ଜେନାଙ୍କ ଦ୍ୱାରା ରଚିତ ଏକ ପାଠ୍ୟପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା । ସମ୍ମାନରେ ପଦ୍ମି ମଦଙ୍କର ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ପ୍ରଫେସର ରବୀନ୍ଦ୍ର ନାଥ ଦାସ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ମୋନାଲିଶା ପଟ୍ଟନାୟକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଧାଂଶୁ ଶେଖର ମାଇତି, ରାୟପୁରସ୍ଥିତ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟର ପ୍ରଫେସର ଧର୍ମେନ୍ଦ୍ର କୁମାର ଗଙ୍ଗେଶ୍ୱର ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଧୀର କୁମାର ସାହୁ ବିଭିନ୍ନ ବିଷୟରେ ବିଶେଷଜ୍ଞ ବକ୍ତବ୍ୟ ପ୍ରଦାନ କରିଥିଲେ । ସେମାନେ ପରିସଂଖ୍ୟାନ ପଦ୍ଧତିର ବିଭିନ୍ନ ଦିଗ, ସମସାମୟିକ ଗବେଷଣାର ବିକାଶ ଏବଂ ପରିବେଶ ଓ ଶିଳ୍ପ ସ୍ଥାୟୀତ୍ୱ କ୍ଷେତ୍ରରେ ଏହାର ପ୍ରୟୋଗ ସମ୍ପର୍କରେ ଆଲୋଚନା କରିଥିଲେ ।

ଗାଁ ଗାଁର ଅର୍ଥନୀତି ସୁଦୃଢ଼ ହେବ :ପର୍ଯ୍ୟଟନ ସଚିବ

ବିଭିନ୍ନ ସହାୟତା ବ୍ୟବସ୍ଥା ଉପଲବ୍ଧ ରହିଛି । ଢେକର ପୁଞ୍ଜି ନିବେଶକୁ ଆକର୍ଷିତ କରିବା ହୁଏଁ, ବଙ୍ଗ ପ୍ରଚ୍ଛନ୍ନଗୁଡ଼ିକୁ ଠିକ୍ ସମୟରେ କାର୍ଯ୍ୟକାରୀ କରିବା ଏବଂ ସେଗୁଡ଼ିକର ଦୀର୍ଘସ୍ଥାୟୀ ପରିଚାଳନା ଉପରେ ବିଭାଗ ଗୁରୁତ୍ୱ ଦେଉଛି । ଏଥିପାଇଁ ଜିଲ୍ଲା ପ୍ରଶାସନ ଏବଂ ବିଜେଡ଼ି ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ତ୍ରିଦିନ ଅନୁମୋଦନ ପ୍ରଦାନ କରିବାକୁ ଯୁଗ୍ମ ସଚିବ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ ଜମିଶନର ତଥା ଶାସନ ସଚିବ ବଲଙ୍ଗିର ଫିଂହ ଯୋଗଦେଇ ପଶ୍ଚିମ ଓଡ଼ିଶା ବିଶେଷକରି ହୀରାକୁଦ, ଦେଓଗଡ଼ ଏବଂ ସମ୍ବଲପୁର ଅଂଚଳକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି । ପୁରୀ ପରେ ହୀରାକୁଦ-ଦେଓଗଡ଼କୁ ରାଜ୍ୟର ଦ୍ୱିତୀୟ ବୃହତ୍ତମ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ବିକଶିତ କରିବାକୁ ସରକାର ନିଷ୍ପତି ନେଇଥିବା ସେ ପ୍ରକାଶ କରିଛନ୍ତି । ଏହି ଅବସରରେ ଜମିଶନର ତଥା ଶାସନ ସଚିବ ଉପସ୍ଥିତ ରହି ବିଭାଗୀୟ ନୀତି ଓ ସୁବିଧା ସୁଯୋଗ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ । ଶାସନ ସଚିବ କହିଛନ୍ତି ଯେ ପର୍ଯ୍ୟଟନ କ୍ଷେତ୍ର ହେଉଛି ସର୍ବାଧିକ ନିଯୁକ୍ତି ସୃଷ୍ଟିକାରୀ ଏବଂ ପରିବେଶ ଅନୁକୂଳ କ୍ଷେତ୍ର, ଯାହାଦ୍ୱାରା ବୃଶମୂଳ ସ୍ତରରେ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହୋଇପାରିବ। ରାଜ୍ୟର ପ୍ରକୃତି, ସଂସ୍କୃତି ଏବଂ ଦୁଃସାହସିକ ପର୍ଯ୍ୟଟନ (ଆଡଭେଂଚର ଟୁରିଜିମ୍) ଭଳି ତିନୋଟି ପ୍ରମୁଖ ଶକ୍ତିକୁ ଆଧାର କରି ସରକାର କାର୍ଯ୍ୟ କରୁଛନ୍ତି । ସମ୍ବଲପୁର, ବରଗଡ଼, ସୋନପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲ୍ଲାର ଉଦ୍ୟୋଗୀମାନଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ପର୍ଯ୍ୟଟନ ନୀତିରେ ବ୍ୟାପକ ସଂଶୋଧନ ଆଣିଛନ୍ତି। ପୂର୍ବତନ ସବ୍‌ସିଡି ପାଇଁ ସର୍ବନିମ୍ନ ୫୦ଟି ରୁମର ସର୍ତ୍ତ ଥିବାବେଳେ, ଏବେ ତାହାକୁ ହ୍ରାସ କରାଯାଇ ମାତ୍ର ୧୦ଟି ରୁମ୍ ବିଶିଷ୍ଟ ହୋଟେଲ ଓ ରିସୋର୍ଟ ପାଇଁ ମଧ୍ୟ ୩୦ରୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ପୁଞ୍ଜି ବିନିଯୋଗ ସବ୍‌ସିଡି ପ୍ରଦାନ କରାଯାଉଛି। ବିଶେଷକରି ହୀରାକୁଦ ଅଂଚଳରେ ନିବେଶ କଲେ ଏବଂ ମହିଳା ତଥା ଏସ୍‌ସି/ଏସ୍‌ଟି ଉଦ୍ୟୋଗୀମାନଙ୍କୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମିଳିବ। ପଶ୍ଚିମ ଓଡ଼ିଶାର ସମୃଦ୍ଧ କଳା, ହସ୍ତତନ୍ତ, ଆଦିବାସୀ ସଂସ୍କୃତି, କୃଷି ପର୍ଯ୍ୟଟନ ଏବଂ ଜଳକ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ସ୍ୱତନ୍ତ୍ର ଯୋଜନା କରିଛନ୍ତି । ଝାରସୁଗୁଡ଼ା ବିମାନବନ୍ଦରର ସମ୍ପ୍ରସାରଣ ଏବଂ ଉନ୍ନତ ସଡ଼କ ଯୋଗାଯୋଗ ଏହି ଅଂଚଳର ପର୍ଯ୍ୟଟନ ବିକାଶରେ ସହାୟକ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଏହା ସହିତ ହୋମ୍-ଷ୍ଟେ ଯୋଜନା, ଐତିହ୍ୟ ଜୋତାର ପୁନରୁଦ୍ଧାର, ଓଡ଼ିଆ ଖାଦ୍ୟ ରେସ୍ତୋରାଁ, କାରାଭାନ୍ ଏବଂ ଅଫ୍-ସିଜନ୍(ଏପ୍ରିଲରୁ ସେପ୍ଟେମ୍ବର) ସମୟରେ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ଓ ବିବାହ ଉତ୍ସବ ପାଇଁ ରୁମ୍ ପିଛା ୫ଶହ ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି। ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ମାଧ୍ୟମରେ ସମସ୍ତ ପ୍ରକଳ୍ପକୁ ତ୍ୱରିତ ଅନୁମୋଦନ ଦିଆଯାଇଥିବାରୁ ସ୍ଥାନୀୟ ନିବେଶକମାନେ ଆଗେଇ ଆସି ଏହି ସୁଯୋଗର ଲାଭ ଉଠାଇବାକୁ ଜମିଶନର ତଥା ଶାସନ ସଚିବ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ସମ୍ବଲପୁର, ବରଗଡ଼ ଓ ସୋନପୁରର ଜିଲ୍ଲାପାଳଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ବହୁସଂଖ୍ୟାରେ ଉଦ୍ୟୋଗୀ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ବରିଷ୍ଠ ଅଧିକାରୀବୃନ୍ଦ, ପର୍ଯ୍ୟଟନ ବିଭାଗର ପଦାଧିକାରୀ, ସମ୍ବଲପୁର ଜିଲ୍ଲାପାଳ, ବରଗଡ଼ ଜିଲ୍ଲାପାଳ, ସୁବର୍ଣ୍ଣପୁର ଜିଲ୍ଲାପାଳ ଏବଂ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବହୁ ବିଶିଷ୍ଟ ଶିଳ୍ପପତି ଓ ପର୍ଯ୍ୟଟନ ନିବେଶକମାନେ ଯୋଗ ଦେଇଥିଲେ।

ପରିବେଶଗତ ଓ ଶିଳ୍ପଗତ ସ୍ଥାୟୀତ୍ୱ ପାଇଁ ପରିସଂଖ୍ୟାନର ପ୍ରୟୋଗ ଅତ୍ୟାବଶ୍ୟକ



ସମ୍ବଲପୁର,୨୨/୧୧(ନି/ପ୍ର): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ର ପରିସଂଖ୍ୟାନ ବିଭାଗ ପକ୍ଷରୁ 'ପରିବେଶ ଏବଂ ଶିଳ୍ପ ସ୍ଥାୟୀତ୍ୱ ପାଇଁ ପରିସଂଖ୍ୟାନ ପଦ୍ଧତିର ପ୍ରୟୋଗ: ଏକ ଭାରତୀୟ ଜ୍ଞାନ ପ୍ରଣାଳୀ ଦୃଷ୍ଟିକୋଣ' ଶୀର୍ଷକ ଏକବିନିଆ ଜାତୀୟ ସମ୍ମାନ ମଡେଲିଂ, ଶିଳ୍ପଗତ ଗୁଣବତ୍ତା ଆୟୋଜିତ ହୋଇଯାଇଛି । ଏହି ନିୟନ୍ତ୍ରଣ, ସ୍ଥାୟୀ ଉତ୍ପାଦନ, ସମ୍ମାନରେ ପରିବେଶଗତ ଅବକ୍ଷୟ, ନବୀକରଣଯୋଗ୍ୟ ଶକ୍ତିର ଜଳବାୟୁ ପରିବର୍ତ୍ତନ, ଶିଳ୍ପ ପୂର୍ବାନୁମାନ, ବର୍ଜ୍ୟପଦାର୍ଥ ପରିଚାଳନା ପ୍ରଭୃତିର ସମ୍ପଦର ହ୍ରାସ ଓ ସଂରକ୍ଷଣ, କୃଷି ସ୍ଥାୟୀତ୍ୱ, ସ୍ମାର୍ଟ ଏବଂ ସ୍ଥାୟୀ ବିକାଶ ଭଳି ପ୍ରମୁଖ ସିଟି ଯୋଜନା, କାର୍ବନ ନିର୍ଗମନ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ମୁକାବିଲାରେ ପରିସଂଖ୍ୟାନ ବିଜ୍ଞାନର କ୍ରମବର୍ଦ୍ଧିଷ୍ଣୁ ଗୁରୁତ୍ୱ ଭୂମିକା ଉପରେ ବ୍ୟାପକ ଆଲୋଚନା ହୋଇଥିଲା । ଜଳବାୟୁ ପରିବର୍ତ୍ତନ ବିଶ୍ଳେଷଣ, ବାୟୁ ଓ ଜଳର ଗୁଣବତ୍ତା ମୂଲ୍ୟାଙ୍କନ, ପରିବେଶଗତ ବିପଦର ମଡେଲିଂ, ଶିଳ୍ପଗତ ଗୁଣବତ୍ତା ନିୟନ୍ତ୍ରଣ ଓ ଜଳର ଗୁଣବତ୍ତା ମୂଲ୍ୟାଙ୍କନ ଭଳି ବିଭିନ୍ନ କ୍ଷେତ୍ରରେ ପରିସଂଖ୍ୟାନ ପଦ୍ଧତିର ପ୍ରୟୋଗ ଉପରେ ଆଲୋକପାତ କରାଯାଇଥିଲା । କୁଳପତି ପ୍ରଫେସର ବ୍ୟୋମାକେଶ ତ୍ରିପାଠୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ମାର୍ଗଦର୍ଶନରେ ଏହି ସମ୍ମାନ ଆୟୋଜିତ ହୋଇଥିଲା । ସମସାମୟିକ ପରିବେଶଗତ ଓ ଶିଳ୍ପଗତ ଚ୍ୟାଲେଞ୍ଜଗୁଡ଼ିକୁ ଶୈକ୍ଷିକ ଆଲୋଚନାର କେନ୍ଦ୍ରବିନ୍ଦୁକୁ ଆଣିବା ସହ ପରିସଂଖ୍ୟାନ ବିଜ୍ଞାନ ଓ ଆଧୁନିକ ବିଶ୍ଳେଷଣାତ୍ମକ ପଦ୍ଧତି ମାଧ୍ୟମରେ ଏହି ସମସ୍ୟାଗୁଡ଼ିକର ବୈଜ୍ଞାନିକ, ପ୍ରଭାବଶାଳୀ ଓ ପ୍ରମାଣଭିତ୍ତିକ ସମାଧାନ ଖୋଜିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସମ୍ମାନର ଆବାହକ ଡ. ନିତୁପମା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସମ୍ମାନର ବିଷୟବସ୍ତୁ, ଉଦ୍ଦେଶ୍ୟ ଓ ଶୈକ୍ଷିକ ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ତୁହୁପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆବିତ୍ୟ ପ୍ରତାପ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଗବେଷଣା ଓ ନିରନ୍ତର ବିକାଶ କ୍ଷେତ୍ରରେ ପରିସଂଖ୍ୟାନଭିତ୍ତିକ ପଦ୍ଧତିର ପ୍ରାସଙ୍ଗିକତା ଉପରେ ମୂଲ୍ୟବାନ ମତାମତ ରଖିଥିଲେ । ଜିଏମୟୁର ପିଜି ଜାଇନସିଲ୍ ଅଧ୍ୟକ୍ଷ ପ୍ରଫେସର ପାର୍ଥସାରଥି ମଲ୍ଲିକ ଗବେଷଣାଭିତ୍ତିକ ଶୈକ୍ଷିକ ପରବେକ୍ଷପର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିବାବେଳେ, ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ସତତ କୁମାର ନାଏକ ନିଜ ଉଦ୍‌ବୋଧନରେ ବିଶ୍ୱବିଦ୍ୟାଳୟରେ ବୃଦ୍ଧି ପାଉଥିବା ଗବେଷଣାମୂଳକ କାର୍ଯ୍ୟକଳାପ ଓ ଶୈକ୍ଷିକ ସଫଳତାର ପ୍ରଶଂସା କରିଥିଲେ । ଏହି ଅବସରରେ ଡ. ନିତୁପମା ସାହୁ ଓ ଡ. ସାରଦା ପ୍ରସନ୍ନ ଜେନାଙ୍କ ଦ୍ୱାରା ରଚିତ ଏକ ପାଠ୍ୟପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା । ସମ୍ମାନରେ ପଦ୍ମି ମଦଙ୍କର ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ପ୍ରଫେସର ରବୀନ୍ଦ୍ର ନାଥ ଦାସ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ମୋନାଲିଶା ପଟ୍ଟନାୟକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଧାଂଶୁ ଶେଖର ମାଇତି, ରାୟପୁରସ୍ଥିତ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟର ପ୍ରଫେସର ଧର୍ମେନ୍ଦ୍ର କୁମାର ଗଙ୍ଗେଶ୍ୱର ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଧୀର କୁମାର ସାହୁ ବିଭିନ୍ନ ବିଷୟରେ ବିଶେଷଜ୍ଞ ବକ୍ତବ୍ୟ ପ୍ରଦାନ କରିଥିଲେ । ସେମାନେ ପରିସଂଖ୍ୟାନ ପଦ୍ଧତିର ବିଭିନ୍ନ ଦିଗ, ସମସାମୟିକ ଗବେଷଣାର ବିକାଶ ଏବଂ ପରିବେଶ ଓ ଶିଳ୍ପ ସ୍ଥାୟୀତ୍ୱ କ୍ଷେତ୍ରରେ ଏହାର ପ୍ରୟୋଗ ସମ୍ପର୍କରେ ଆଲୋଚନା କରିଥିଲେ ।

ମିର୍ଦ୍ଧା-କିଷାନ ସମାଜ ପକ୍ଷରୁ କାର୍ତିକ ଦଶମୀ ବୁଢ଼ୁ ଉତ୍ସବ ପାଳିତ

ସମ୍ବଲପୁର,୨୨/୧୧(ନି/ପ୍ର): ପଶ୍ଚିମ ଓଡ଼ିଶା ଆଦିବାସୀ ମିର୍ଦ୍ଧା-କିଷାନ ସମାଜ ମଙ୍ଗଳ ସଂଗଠନ, ମହାଖଜା, ଜୟନ୍ତପୁର ପକ୍ଷରୁ ମହାଖଜାସ୍ଥରୀୟ ଜାତିକ ଦଶମୀ ବୁଢ଼ ଉତ୍ସବ ଖଣ୍ଡୁଆଳସ୍ଥିତ ଗଙ୍ଗା ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜିଲ୍ଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା ଯୋଗଦେଇଥିବା ବେଳେ ସମ୍ମାନିତ



ରାଉରକେଲା ଆଇନ ମହାବିଦ୍ୟାଳୟର ଦୁଇ ଦିନିଆ ସୁବର୍ଣ୍ଣ ଜୟନ୍ତୀ ସମାରୋହ



ଓଡ଼ିଶା ହାଇକୋର୍ଟ ବିଚାରପତି ମୁରାହରି ଶ୍ରୀରମଣଙ୍କ ସହ ଝାଡ଼ଖଣ୍ଡ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଅନିଲ କୁମାର ଚୌଧୁରୀଙ୍କ ଯୋଗଦାନ

ରାଉରକେଲା,୨୨/୧୧(ନି/ପ୍ର): ରାଉରକେଲା ସେକ୍ଟର-୨୧ ନୟାବଜାର ସ୍ଥିତ ଆଇନ ମହାବିଦ୍ୟାଳୟ ପରିସରରେ ଶନିବାର ଦିନ ଦୁଇ ଦିନିଆ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆରମ୍ଭ ହୋଇଛି। ଅନୁଷ୍ଠାନ ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଜହିଲେ ଅତ୍ୟୁକ୍ତି ହେବନାହିଁ। ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ସଂଯୋଜକ ଗିରିଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଉଦ୍ଯାପନୀ ସମାରୋହରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମୁରାହରି ଶ୍ରୀରମଣ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ, ଝାଡ଼ଖଣ୍ଡ ହାଇକୋର୍ଟର ବିଚାରପତି ଅନିଲ କୁମାର ଚୌଧୁରୀ ମୁଖ୍ୟ ବକ୍ତା ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ, ଆଇନ ମହାବିଦ୍ୟାଳୟର ୫୦ ବର୍ଷର ଯାତ୍ରା ଏବଂ ସଫଳତା ଉପରେ ଆଲୋକପାତ କରୁଥିବା ଏକ ସ୍ମାରକୀକୁ ଆନୁଷ୍ଠାନିକ ଭାବରେ ଉନ୍ମୋଚିତ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ପୂର୍ବତନ ଛାତ୍ରଙ୍କ ସମେତ ବିଶେଷ ଭାବରେ ନିମନ୍ତ୍ରିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ସେମାନଙ୍କ ସଂଘ ଏବଂ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଉଦ୍ଯାପନୀ କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ଯାହା ଉତ୍ସବମୁଖୀ ପରିବେଶକୁ ଆହୁରି ବୃଦ୍ଧି କରିଥିଲା। ସୁବର୍ଣ୍ଣ ଜୟନ୍ତୀ ସମାରୋହ ଦୁଇ ଦିନ ଧରି ଆୟୋଜିତ ହେଉଛି, ଯାହା ଆଇନ ଶିକ୍ଷାରେ ଅନୁଷ୍ଠାନର ପାଟ ବଣ୍ଟିଶିର ଅବଦାନକୁ ସ୍ମରଣ କରିବା ପାଇଁ ବିଶିଷ୍ଟ ଆଇନ ବ୍ୟକ୍ତିତ୍ୱ, ପୂର୍ବତନ ଛାତ୍ର, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନଙ୍କୁ ଏକତ୍ରିତ କରୁଛି।

ବିଶ୍ୱ ଟେଲିଭିଜନ ଦିବସ ପାଳିତ

ଜେହ୍ରାପଡ଼ା,୨୨/୧୧(ନି/ପ୍ର): ଜେହ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାଗୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଏବଂ ରେଡିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଚିର ସବୁଜ ଅକ୍ଷୟ ମହାନ୍ତି ଜଙ୍କରେ ବିଶ୍ୱ ଟେଲିଭିଜନ ଦିବସ ଯଥାବିଧି ପାଳିତ ହୋଇଯାଇଛି। ବିଶିଷ୍ଟ ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ନୃତ୍ୟ ଗୁରୁ ପ୍ରକାଶ କୁମାର ମହାରଣା ମୁଖ୍ୟ ଅତିଥି ଏବଂ ରେଡିଓ ଭାବଗ୍ରାହୀର ଜେନ୍ଦ୍ର ନିର୍ଦ୍ଦେଶକ ଙ୍କିନିୟର ବିଶ୍ୱଜିତ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ ଟେଲିଭିଜନ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜଷ୍ଟଶିଳ୍ପୀ ହେନାଞ୍ଜଳି ଜେନା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଶ୍ରୀମତୀ ଧୀରାମଣି ପରିଡ଼ା ଏହାର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ ୧୯୯୬ ମସିହା ନଭେମ୍ବର ୨୧ ତାରିଖରେ ମିଳିତ ଜାତିସଂଘର ଅନୁମୋଦନ କ୍ରମେ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି। ସୂଚନା, ଶିକ୍ଷା ଏବଂ ମନୋରଞ୍ଜନର ବଳିଷ୍ଠ ମାଧ୍ୟମ ଭାବରେ ବାସ୍ତବରେ ଏହି ଟେଲିଭିଜନର ଚୁକନା ନାହିଁ। ଝଡ଼, ବାତ୍ୟା, ବନ୍ୟା ଓ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ଆଗୁଆ ସତର୍କ ସୂଚନା ଦେଇ ବହୁ ଧନ ଜୀବନକୁ ସୁରକ୍ଷା ପ୍ରଦାନ କରିଆସୁଛି। ଏହି ଅବସରରେ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି, ଭିକାରୀ ବଳ, ଲୋକଜବି ଭାବଗ୍ରାହୀ ପରିଡ଼ା ଏବଂ ଜବିପତ୍ରୀ ସରୋଜିନୀ ପରିଡ଼ାଙ୍କ ପ୍ରତିମୂର୍ତ୍ତି ସମେତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅକ୍ଷିତା ପରିଡ଼ା, ଅର୍ପିତା ସାହୁ, ଅଭିଲିପ୍ସା ସାହୁ, ଅଙ୍କିତା ସାହୁ, ପ୍ରୀତି ପ୍ରଜ୍ଞା ବିଶ୍ୱାଳ, ଲିଜାରାଣୀ ପ୍ରଧାନ, ପ୍ରତୀଷ୍ଠା ନାୟକ, ଗୌରବ ବାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଚାଳନରେ ସହଯୋଗ କରିଥିଲେ। ଭାବଗ୍ରାହୀ କଳା ନିକେତନ, ରେଡିଓ ଭାବଗ୍ରାହୀ ଏବଂ ମହୁର ଅର୍କେଷ୍ଟ୍ରାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ସମାଜସେବୀ ସଞ୍ଜୟ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସୁନ୍ଦରଗଡ଼ ଜିଲ୍ଲାରେ ନିର୍ବାଚନୀ ସାକ୍ଷରତା କ୍ଲବ୍ ମାଧ୍ୟମରେ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା

ସୁନ୍ଦରଗଡ଼,୨୨/୧୧(ନି/ପ୍ର): ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାରେ ନିର୍ବାଚନୀ ସାକ୍ଷରତା କ୍ଲବ୍ (ରକ୍ଷରମଞ୍ଚକ୍ଳବବଷ ଖସସ୍ପ-ରକ୍ଳବମଚ ଉକ୍ଷରଭଖସ୍ପ) ମାଧ୍ୟମରେ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତା ଗୁଡ଼ିକ ଶିକ୍ଷାନୁଷ୍ଠାନ ସ୍ତର, ଜିଲ୍ଲାର ୭ ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତର ଏବଂ ଜିଲ୍ଲା ସ୍ତର ଭଳି ତିନୋଟି ପର୍ଯ୍ୟାୟରେ ଆୟୋଜିତ ହୋଇଥିଲା। ସୁବ ତଥା ଭବିଷ୍ୟତର ଭୋଟରମାନଙ୍କ ମଧ୍ୟରେ ନିର୍ବାଚନୀ ସାକ୍ଷରତା ବୃଦ୍ଧି କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିସହ ଏକ ଶୁଦ୍ଧ ଓ ତ୍ରୁଟିମୁକ୍ତ ଭୋଟର ତାଲିକାର ସୁରୁତ୍ୱ ଏବଂ ନିର୍ବାଚନ ପ୍ରକ୍ରିୟାରେ ନୈତିକତା ଓ ଦାୟିତ୍ୱବୋଧ ସହ ଅଂଶଗ୍ରହଣ କରିବା ନେଇ ଯୁବପିଢ଼ିଙ୍କୁ ସଚେତନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ଲେଖନୀ ଦକ୍ଷତା ଓ ସୃଜନଶୀଳତାର ପରିଚୟ ଦେଇଛନ୍ତି। ପ୍ରବନ୍ଧ ପ୍ରତିଯୋଗିତାରେ ରାଜଗାଙ୍গପୁର ସ୍ଥିତ ଏସ୍.ଡି. ମହିଳା ମହାବିଦ୍ୟାଳୟର ମନ୍ତସା ଖାତୁନ୍, ସୁନ୍ଦରଗଡ଼ ସରକାରୀ ସ୍ୱଂୟଶାସିତ ମହାବିଦ୍ୟାଳୟର ପ୍ରୀତି ପଲ୍ଲବୀ ମିଶ୍ର , ସରସ୍ୱତୀ ବିଦ୍ୟାମନ୍ଦିର, ସେକ୍ଟର-୬ର ସୃଶ୍ରୀ ଜେନା, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏମ୍.ଏସ୍.ବି. ପଦୁଜା, ସରକାରୀ ସ୍ୱଂୟଶାସିତ ମହାବିଦ୍ୟାଳୟ, ରାଉରକେଲାର ସଲୋନି ଶୁକ୍ଲା, ନିର୍ମଳା ଜଂଲିଶ ସ୍କୁଲର ତ୍ରିଶା ତନୟା ମହାନ୍ତି, ସରସ୍ୱତୀ ବିଦ୍ୟାମନ୍ଦିରର ମାନ୍ୟତା ସାହୁ ଏବଂ ପି.ଏସ୍. ଡିଗ୍ରୀ କଲେଜ, ଭେଡ଼ାବାହାଲର ସୀମା ନାଏକ, ଦୀପିକା ଜଂରାଜୀ ମାଧ୍ୟମ ସ୍କୁଲର ଅନ୍ୱେଷା ବେହେରା, ସି. ଏ . ଏସ. ଟି, ବଣ୍ଡାମୁଣ୍ଡାର ମନୀଷା ଟପ୍ପୋ ଏବଂ ଓଏଭି, ତେଲିପୋଷର ସାନୁ କୁମାର ଝା ପ୍ରମୁଖ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତା ଗୁଡିକ ହେଲେ ପ୍ରାଜ୍ଞକ ମହାପାତ୍ର,ସେଣ୍ଟ ଥୋରେସା ଜଂଲିଶ ସ୍କୁଲ, ବିପିନ ବିହାରୀ, ସରକାରୀ ୟୁ.ଜି.ଏଚ୍.ଏସ୍., ଝାରପାଲମ, ଚନ୍ଦ୍ରୟ ଦାସ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଉରକେଲା, କୃତିକା ସାହୁ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଉରକେଲା, ଆୟୁଷ ପଟ୍ଟନାୟକ,ସେଣ୍ଟ ପଲ୍ସ ସ୍କୁଲ, ନିକୁଞ୍ଜ ଗର୍ଗିଆ, ନିର୍ମଳ ମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଳୁଲତା,ପ୍ରିନ୍ସ କୁଜୁମା । ଓ.ଏ.ଭି., ତେଲିପୋଷ, କୁଆରମୁଣ୍ଡା, ଆଦ୍ୟା ଓଜାରେ । ବିଜ୍ଞା ପବ୍ଲିକ୍ ସ୍କୁଲ, ସେକ୍ଟର-୧୪, ମାନସ ଆପଟ, ଲେଫ୍ରିପଡ଼ା ଡିଗ୍ରୀ କଲେଜ, ଭାଟା ମାଝାରା, ଡାଲମିଆ ବିଦ୍ୟା ମନ୍ଦିର, ରାଜଗାଙ୍গପୁର ।

ରାଉରକେଲା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ସମାରୋହ



ରାଉରକେଲା,୨୨/୧୧(ନି/ପ୍ର): ଉଦ୍ଯାପନ ଉତ୍ସବ ସେକ୍ଟର-୪ ସ୍ଥିତ ରାଉରକେଲା ମହାବିଦ୍ୟାଳୟର ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ୍ ପକ୍ଷରୁ ଆୟୋଜିତ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ସମାରୋହ ମହାବିଦ୍ୟାଳୟ ପରିସରରେ ଉତ୍ସାହ ଓ ଉଦ୍ଦୀପନା ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମଂଚ ସଂଯୋଜନା କରିଥିଲେ ପ୍ରଫେସର ରଶ୍ମିପ୍ରଭା ମଥାନ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ମତାଂସୀନ ହୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ଓ ମହିଳା ସଶକ୍ତିକରଣରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ପ୍ରଫେସର ଦୀପାଲି ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସମାରୋହର ମୁଖ୍ୟ ଅତିଥି ଭାବେ ରାଉରକେଲା ଡିଏସ୍ ?ପି ଗୁରୁବାରି ହେମ୍ବ୍ରମ ଯୋଗଦେଇ ମହିଳା ଛାତ୍ରୀମାନଙ୍କ ଜୀବନରେ ଆତ୍ମରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆତ୍ମବିଶ୍ୱାସ, ସାହସ ଓ ସଚେତନତା ହିଁ ନାରୀ ସଶକ୍ତୀକରଣର ମୁଖ୍ୟ ଆଧାର ବୋଲି ସେ ମତବ୍ୟକ୍ତ କରିଥିଲେ। ଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖିବା ସହିତ ପ୍ରତ୍ୟେକ ପରିସ୍ଥିତିର ସାହସର ସହ ମୁକାବିଲା କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ଆତ୍ମରକ୍ଷା ପ୍ରଶିକ୍ଷଣର ଜନତାର୍ଜ ବୈଜୟନ୍ତୀ ବାରିକ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଟ୍ରେନର ଜୟା କୁମାରୀ ଙ୍କି, ନିକି କୁମାରୀ କୁଣ୍ଡୁଡ଼ା ଓ ରିତିକା ମାହାତୋ ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳର ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଭାରତୀ ବରଡ଼ା, ଶ୍ରୀରାମ ମାହାର, କ୍ଷୀରୋଦ୍ରି ମହାକୁଡ଼, ଉଦନା ମିଶ୍ର, ବେବି ସାହୁ, ଅମିଷା ଓରାମ, ନମିତା ପାଣ୍ଡେଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇଥିଲେ। ଏଥିସହ ଅଳ୍ପ ଯାତବ, ବିନିତା, ଗାୟତ୍ରୀ, ସୁନତି ଓ ମିନୁ ତଥା ଅଙ୍ଗ୍ୟ ଛାତ୍ରଛାତ୍ରୀଙ୍କ ସହଯୋଗ ଓ ଉପସ୍ଥିତି କାର୍ଯ୍ୟକ୍ରମକୁ ସଫଳ କରିଥିଲା। ଶେଷରେ ଆତ୍ମରକ୍ଷା ପ୍ରଶିକ୍ଷଣର ସଂଯୋଜିକା ପ୍ରଫେସର ବନ୍ଦନା ସୋରେଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ ?ଯାପନୀ ସମାରୋହ ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସାହସ ଓ ଆତ୍ମନିର୍ଭରଶୀଳତାର ଭାବନାକୁ ଅଧିକ ସୁଦୃଢ଼ କରିବା ସହ ନାରୀ ସଶକ୍ତୀକରଣ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ଭାବେ ପରିଗଣିତ ହୋଇଛି ।

ରାଉରକେଲା ଶ୍ରମିକ ସଂଘର ବୈଠକ

ରାଉରକେଲା,୨୨/୧୧(ନି/ପ୍ର): ଆସନ୍ତା ଡିସେମ୍ବର ୧୩ ତାରିଖରେ ସ୍ୱୀକୃତିପ୍ରାପ୍ତ ଇଉନିୟନ୍ ଭାବେ ରାଉରକେଲା ଶ୍ରମିକ ସଂଘର କାର୍ଯ୍ୟକାଳ ଶେଷ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ସର୍ବପ୍ରଥମେ ରାଉରକେଲା ଶ୍ରମିକ ସଂଘ ହିଁ ନ୍ୟାୟାଳୟକୁ ଦ୍ୱାରସ୍ଥ ହୋଇ ଇସ୍ପାତ ଶ୍ରମିକମାନଙ୍କୁ ଗୁପ୍ତ ମତଦାନ ମାଧ୍ୟମରେ ନିଜର ମତାଧିକାର ସାବ୍ୟସ୍ତ କରିବାର ସୁଯୋଗ ପ୍ରଦାନ କରାଇବାରେ ସଫଳ ହୋଇଥିଲା। ସେହି ଗଣତାନ୍ତ୍ରିକ ଅଧିକାର ଓ ପରମ୍ପରାକୁ ସମ୍ମାନ ଜଣାଇ, ସ୍ୱୀକୃତିପ୍ରାପ୍ତ ଇଉନିୟନ୍‌ର କାର୍ଯ୍ୟକାଳ ଶେଷ ହେବାର ଏକ ମାସ ପୂର୍ବରୁ ସଂଘ ଅତିଶୀଘ୍ର ପୁନଃ ନିର୍ବାଚନ କରାଇବା ପାଇଁ ଜଖଙ୍କ ନିକଟରେ ଆନୁଷ୍ଠାନିକ ଭାବେ ଆବେଦନ କରି ସାରିଛି । ଅନ୍ୟମାନଙ୍କ ବିରୋଧରେ ଶ୍ରମିକମାନଙ୍କ ନିକଟରେ ନିଜର ପକ୍ଷ କୁହାରତନ କରିବା ଅପେକ୍ଷା ରାଉରକେଲା ଶ୍ରମିକ ସଂଘ ସର୍ବଦା ବାସ୍ତବତା ଓ ସତ୍ୟକୁ ଗୁରୁତ୍ୱ ଦେଇଥାଏ। ଏହାର କାର୍ଯ୍ୟଶୈଳୀ ଓ ଶ୍ରମିକଙ୍କ ପ୍ରତି ନିଷ୍ଠାକୁ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀମାନେ ଆଠ ଆଠ ଥର ବିଜୟୀ କରାଇ ସ୍ୱୀକୃତି ପ୍ରଦାନ କରିଛନ୍ତି। କାରଖାନାର କର୍ମଚାରୀମାନଙ୍କ ପ୍ରତିଟି ସଫଳତା ପଛରେ କେଉଁଠି ନା କେଉଁଠି ରାଉରକେଲା ଶ୍ରମିକ ସଂଘର ଅବଦାନ ରହିଛି। କର୍ମଚାରୀଙ୍କ ହିତସାଧନ ପାଇଁ ସଂଘ ଅନେକ ଐତିହାସିକ ସଫଳତା ହାସଲ କରିଛି, ଯାହା ଶ୍ରମିକ ବନ୍ଧୁମାନଙ୍କୁ ଅଜଣା ନାହିଁ। ରାଉରକେଲା ଶ୍ରମିକ ସଂଘ କଥା ଅପେକ୍ଷା କର୍ମକୁ ଅଧିକ ବିଶ୍ୱାସ କରେ। ସତ୍ୟ ଓ ତଥ୍ୟକୁ ଆଧାର କରି ସଂଘ ସବୁବେଳେ ଶ୍ରମିକମାନଙ୍କ ନିକଟରେ ନିଜର ପକ୍ଷ ରଖିଆସିଛି। ୨୦୨୪ ନିର୍ବାଚନରେ ବିଜୟୀ ହେବା ପରଠାରୁ ଗତ ଦୁଇବର୍ଷ ମଧ୍ୟରେ ସଂଘ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ଦାବି ପୂରଣ ପାଇଁ ନିରନ୍ତର ଉଦ୍ୟମ କରିଆସିଛି। କେତେକ ଦାବି ହାସଲ କରିବାରେ ସଫଳ ହୋଇଥିବାବେଳେ ଆଉ କେତେକ ଦାବି ଏବେ ବି ବାକି ରହିଛି। ତେବେ ବର୍ତ୍ତମାନ ସଂଘର ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ରାଉରକେଲା ଇସ୍ପାତ କାରଖାନା ଏବଂ ଏହାର ବିଭିନ୍ନ ବିଭାଗକୁ ଘରୋଇକରଣର କବଳରୁ ରକ୍ଷା କରିବା। ଇସ୍ପାତ କେରୋସାର ହବିଟାଲ ଓ ଷ୍ଟିଲ ଟାଉନସିପ୍ ଘରୋଇକରଣର ହେବାକୁ ଯାଉଥିବାବେଳେ ରାଉରକେଲା ଶ୍ରମିକ ସଂଘର ଦୃଢ଼ ବିରୋଧ ଓ ନିରନ୍ତର ଉଦ୍ୟମ ଯୋଗୁଁ ଏହାକୁ ରୋକିବା ସମ୍ଭବ ହୋଇଛି । ଏବେ ରାଉରକେଲା ଇସ୍ପାତ କାରଖାନାରେ ଉଚ୍ଚ ଗୁଣବତ୍ତାସମ୍ପନ୍ନ ଜାମ ଜାରି ରହିଛି ଏବଂ ଆହୁରି ମଧ୍ୟ ୩୦୦୦୦ କୋଟି ଟଙ୍କାର ଉଚ୍ଚ ଗୁଣବତ୍ତାସମ୍ପନ୍ନ ହେବାକୁ ଯାଉଛି । ଏହି ସବୁ କାର୍ଯ୍ୟରେ ରାଜ୍ୟ ବାହାରୁ ଶ୍ରମିକ ଆଣିବା ବନ୍ଦ କରି ସ୍ଥାନୀୟ ଠିକାଫର୍ଗା ଏବଂ ସ୍ଥାନୀୟ ଅଞ୍ଚଳର ଯୁବକଯୁବତୀମାନଙ୍କୁ ନିଯୁକ୍ତି ଦେବାକୁ ରାଉରକେଲା ଶ୍ରମିକ ସଂଘ ଦୃଢ଼ ଦାବି କରୁଛି ଏହି ଦୁଇବର୍ଷ ମଧ୍ୟରେ ରାଉରକେଲା ଶ୍ରମିକ ସଂଘ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ଓ ଦାବି ହାସଲ ପାଇଁ ଯେଉଁସବୁ କାର୍ଯ୍ୟ କରିଛି, ସେଗୁଡ଼ିକ ମଧ୍ୟରୁ କେତୋଟି ଗୁରୁତ୍ୱପୂର୍ଣ୍ଣ ସଫଳତା ନିମ୍ନରେ ଉଲ୍ଲେଖ କରାଯାଉଛି। ୧- ଜଷ୍ଟକ୍ସ-କ୍ଷରବକ୍ସସସ୍ପର ବଣ୍ଟକ୍ସରର-କ୍ଷରବସ୍ପ ଜରିଆରେ ଖିର ଉରଶ୍ଚ-ସଶଭବସ୍ପସଂକ୍ଷ ଲାଗୁକରି ଜଙ୍ଟର ୪୭୯୪ ଜଣ କର୍ମଚାରୀଙ୍କୁ ସ୍ଥାୟୀକରଣ କରାଯାଇଛି। ଏଥିରେ ଠିକାଦାରୀ ପ୍ରଥାରେ ଶୋଷଣର ଶିକାର ହେଉଥିବା ଶ୍ରମିକମାନେ ସିଧାସଳଖ ଇସ୍ପାତ କାରଖାନାର ଅଂଶ ହୋଇଯିବେ। ଏଥିରେ ସେମାନଙ୍କ ଚାକିରି ସୁରକ୍ଷିତ ହେବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ବୃଦ୍ଧି ପାଇବ। ୨- ଜଷ୍ଟକ୍ସ-କ୍ଷରବକ୍ସସସ୍ପର ବଣ୍ଟକ୍ସରର-କ୍ଷରବସ୍ପ ଜରିଆରେ ଖିର ଉରଶ୍ଚ-ସଶଭବସ୍ପସଂକ୍ଷ ଲାଗୁକରି ଜଙ୍ଟର ୪୭୯୪ ଜଣ କର୍ମଚାରୀଙ୍କୁ ସ୍ଥାୟୀକରଣ କରାଯାଇଛି। ଏଥିରେ ଠିକାଦାରୀ ପ୍ରଥାରେ ଶୋଷଣର ଶିକାର ହେଉଥିବା ଶ୍ରମିକମାନେ ସିଧାସଳଖ ଇସ୍ପାତ କାରଖାନାର ଅଂଶ ହୋଇଯିବେ। ଏଥିରେ ସେମାନଙ୍କ ଚାକିରି ସୁରକ୍ଷିତ ହେବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ବୃଦ୍ଧି ପାଇବ।

ପିଲାମାନଙ୍କ ପ୍ରତିଭା, ସୃଜନଶୀଳତା ଓ ସୁରକ୍ଷାର ବାର୍ତ୍ତା ନେଇ ଆୟୋଜିତ ହେଲା ପତଙ୍ଗୀ – ଶିଶୁ ମହୋତ୍ସବ ୨୦୨୬'

ବଲାଙ୍ଗୀର,୨୨/୧୧(ନି/ପ୍ର): ବଲାଙ୍ଗୀର ଜିଲ୍ଲାର ପୁଇଁତଳା ବ୍ଲକ ଅନ୍ତର୍ଗତ ଖଇପାଥାଲିସ୍ଥିତ ଡଃବି.ଆର୍. ଆମ୍ବେଦକର ଷ୍ଟାଡିୟମ ଠାରେ ଯୁଥ୍ ଜାଇନସିସ୍ ଫର୍ ଡେଭଲପମେଣ୍ଟ ଅକ୍ଟୁନେଟିଭ୍‌ସ ପକ୍ଷରୁ 'ପତଙ୍ଗୀ– ଶିଶୁ ମହୋତ୍ସବ ୨୦୨୬' ଆୟୋଜିତ ହୋଇଯାଇଛି। 'ଟୁ ଫିଟ୍ ଅହେଡ୍ ଟୁଗେଦର' କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ଏହି ମହୋତ୍ସବରେ ପ୍ରାୟ ୫୦୦ ଜଣ ଶିଶୁ ଓ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ। ଶିଶୁମାନଙ୍କ ପ୍ରତିଭାର ବିକାଶ, ସୃଜନଶୀଳତାର ପ୍ରକାଶ, ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଶିଶୁମାନଙ୍କୁ ଏକ ସୁରକ୍ଷିତ ଓ ଆନନ୍ଦମୟ ପରିବେଶ ଯୋଗାଇଦେବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ଶିଶୁମାନଙ୍କ ଦ୍ୱାରା ଏକ ଆକର୍ଷଣୀୟ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଶିଶୁମାନେ ଉତ୍ସାହ ଓ ଉଦ୍ଦୀପନାର ସହ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ମହୋତ୍ସବର ମୁଖ୍ୟ ବିଷୟବସ୍ତୁ ଥିଲା 'ଇଂଟର